ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.83 Bhubaneswar Tuesday 10 2022 | ୨୫ତମ ବର୍ଷ ସଂଖ୍ୟା–୮୩ ଭୁବନେଶ୍ୱର, ମଙ୍ଗଳବାର, ମଇ ୧୦, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹.50 | (Air Surcharge - 0.50P) | Member-INS

୪୩,୪୮୯ଜଣ ମାଟ୍ରିକ ପରୀକ୍ଷାର୍ଥୀ ଗଲେ କୁଆଡ,୧୦ ସୁଦ୍ଧା ସ୍କୁଲୱାରି ହିସାବ ଦିଅ

ଭୁବନେଶ୍ୱର,୯।୫(ପି.ଏନ): ଚ଼ଳିତବର୍ଷ ମାଟ୍ରିକ ପରୀକ୍ଷା(ଦ୍ୱିତୀୟ ସମେଟିଭ୍ ଆସେସମେଣ୍ଟ)ରୁ ୪୩୪୮୯ଜଣ ପିଲା ଅନୁପସ୍ଥିତ ଥିବା ନେଇ କିଛିଦିନର ତୁତୁମେମେ ପରେ ଆଜି ରାଜ୍ୟ ସରକାରଙ୍କ ଚେତା ପଶିଛି । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚ଼ିବ ବିଷ୍ଣୁପଦ ସେଠୀ ଏନେଇ ଆଜି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚ଼ିଠି ଲେଖି ୪୩,୪୮୯ଜଣ ଛାତ୍ରଛାତ୍ରୀ କାହିଁକି ପରୀକ୍ଷା ଦେଉନାହାନ୍ତି ଓ କେଉଁ ସ୍କୁଲରୁ କେତେ ପିଲା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ୧୦ଦିନ ମଧ୍ୟରେ ସେ ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ସ୍କୁଲ ଓ ଗଣଶିକ୍ଷା ସଚ଼ିବ ଶ୍ରୀ ସେଠୀ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲେଖିଥିବା ଚ଼ିଠିରେ ଦର୍ଶାଇଛନ୍ତି ଯେ, ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚ଼ାଳିତ ବାର୍ଷିକ ମାଟ୍ରିକ ପରୀକ୍ଷା(ଦ୍ୱିତୀୟ ସମେଟିଭ୍ ଆସେସମେଣ୍ଟ) ରେ ୪୩୪୮୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉନଥିବା ଜଣାପଡିଛି । ଚ଼ଳିତବର୍ଷ ଏତେ ପରିମାଣର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିବା ନିଶ୍ଚିତ ଭାବେ ଉଦବେଗର ବିଷୟ । ମୟୂରଭଞ୍ଜ, ଗଞ୍ଜାମ ଓ ବଲାଙ୍ଗିର ଭଳି ଜିଲ୍ଲାରେ ଏହି ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ । ଯାହା ଜଣାପଡୁଛି ଏହି ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବେ ପ୍ରଥମ ସମେଟିଭ୍ ଆସେସମେଣ୍ଟ ପରୀକ୍ଷା ଦେଇଛନ୍ତି ଓ ଫର୍ମ ପୂରଣ ମଧ୍ୟ କରିଛନ୍ତି । ତେବେ ଫର୍ମ ପୂରଣ ସତ୍ତ୍ୱେ ଏହି ପିଲାମାନେ କାହିଁକି ଦ୍ୱିତୀୟ ସମେଟିଭ୍ ଆସେସମେଣ୍ଟ ପରୀକ୍ଷା ଦେଲେନି ତାହା ବୁଝାପଡୁନି । ଏହି ପିଲାମାନେ କାହିଁକି ପରୀକ୍ଷା ଦେଲେନି ତା'ର କାରଣ ଖୋଜାଯିବା ଦରକାର । ସ୍କୁଲୱାରି ତଥ୍ୟ ବିଶ୍ଳେଷଣ କଲେ ହିଁ ଏହି କାରଣ ଜଣାପଡିବ । ତେଣୁ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ସ୍କୁଲୱାରି ପରୀକ୍ଷାର୍ଥୀଙ୍କ ସଂଖ୍ୟା ଓ କାରଣ ଆସନ୍ତା ୧୦ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ ଶ୍ରୀ ସେଠୀ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସୂଚନାଯୋଗ୍ୟ, ରାଜ୍ୟରେ ଚ଼ଳିତବର୍ଷ ମୋଟ ୫ଲକ୍ଷ ୮୫ହଜାର ୭୩୦ଜଣ ଲକ୍ଷ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି । ଏଥିରେ ୪୪୪୩ଜଣ ମଧ୍ୟମା ଓ ୯୩୭୮ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଛନ୍ତି । ମାଟ୍ରିକ ପରୀକ୍ଷା ପାଇଁ ମୋଟ ୩୫୪୦ଟି କେନ୍ଦ୍ର ଓ ୩୧୫ଟି ନୋଡାଲ କେନ୍ଦ୍ର କରାଯାଇଛି । ତେବେ ମାଟ୍ରିକ ପରୀକ୍ଷାରେ ୪୩ହଜାରରୁ ଅଧିକ ପିଲା ଅନୁପସ୍ଥିତ ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମାଧ୍ୟମିକ ଶିକ୍ଷା ବୋର୍ଡ ନିଜ ମୁଣ୍ଡରୁ ଦୋଷ ଖସାଇ ଯେଉଁ ପିଲାମାନେ ଫର୍ମ ପୂରଣ କରିଛନ୍ତି ସେମାନଙ୍କ ପରୀକ୍ଷା ପାଇଁ ବୋର୍ଡ ବ୍ୟବସ୍ଥା କରିଛି ବୋଲି କହିଥିଲା । ପରୀକ୍ଷା କାହିଁକି ପିଲାମାନେ ଦେଉନାହାନ୍ତି ତାହା ସ୍କୁଲ ଓ ଗଣଶିକ୍ଷା ବିଭାଗ କହିପାରିବ ବୋଲି ପରୋକ୍ଷରେ ଇସାରା ଦେଇଥିଲା ।

ପିସିସି ପରିବର୍ତ୍ତନ ପ୍ରସଙ୍ଗ : ରାହୁଲଙ୍କୁ ଭେଟିଲେ କଂଗ୍ରେସ ନେତା

ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୫(ପି.ଏନ): ପିସିସି ମୁଖିଆ ପରିବର୍ତ୍ତନ ନେଇ ଜୋରଦାର କସରତ୍ ଚାଲିଛି । ଏହାରି ମଧ୍ୟରେ ସୋମବାର ସଂଧ୍ୟାରେ ନୂଆଦିଲ୍ଲୀଠାରେ ରାହୁଲ ଗାନ୍ଧି ରାଜ୍ୟ କଂଗ୍ରେସର ନେତାମାନଙ୍କୁ ଭେଟି ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି । ରାହୁଲଙ୍କୁ ଭେଟିବା ପରେ ବରିଷ୍ଠ ନେତା ନରସିଂହ ମିଶ୍ର ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ ରାହୁଲ ଗାନ୍ଧିଙ୍କ ସହ ଓଡ଼ିଶାରେ ଦଳର ସଂଗଠନ ନେଇ ବିସ୍ତୃତ ଆଲୋଚନା ହୋଇଛି । ସମସ୍ତ ବିଧାୟକ, ସାଂସଦ, ପୂର୍ବତନ ପିସିସି ସଭାପତିମାନେ ବୈଠକରେ ଉପସ୍ଥିତ ଥିଲେ । ରାହୁଲ ଗାନ୍ଧି ସମସ୍ତଙ୍କ ସହ ଜଣ ଜଣ କରି ଆଲୋଚନା କଲେ । କେମିତି ସଂଗଠିତ ହେଲେ ଲୋକଙ୍କ ଗ୍ରହଣୀୟ ହେବୁ ସେନେଇମ ଆଲୋଚନା ହେଲା ବୋଲି କହିଛନ୍ତି ନରସିଂହ ମିଶ୍ର ।ଅନ୍ୟପଟେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ପିସିସି ସଭାପତି ପରିବର୍ତ୍ତନ ପାଇଁ ପ୍ରୋସେସିଂ ଆରମ୍ଭ ହୋଇଛି । ମୁଁ ବହୁଦିନ ହେଲା ରହିଲିଣି, ନୂଆ ଲୋକ ହେବା ଉଚିତ ବୋଲି ବୈଠକରେ କହିଲି ବୋଲି କହିଛନ୍ତି ନିରଂଜନ ।

ପୁରୀଠାରୁ ୫୯୦ କିମି ଦୂରରେ ବାତ୍ୟା ଅସାନି: ଆଜିଠୁ ଉପକୂଳରେ ବର୍ଷିବ

ଭୁବନେଶ୍ୱର, ୯।୫(ପି.ଏନ): ପୁରୀ ଠାରୁ ଦକ୍ଷିଣ ଦିଗରେ ୫୯୦ କିମି ଦୂରରେ କେନ୍ଦ୍ରୀଭୂତ ହୋଇଛି ଭୀଷଣ ସାମୁଦ୍ରିକ ବାତ୍ୟା 'ଅସାନି' । ବର୍ତମାନ ଏହାର ଗତି ଉତର-ପଶ୍ଚିମ ଦିଗରେ ଘଂଟା ପ୍ରତି ୧୬କିମି ରହିଛି । ଆଗାମୀ ୨୪ ଘଂଟା ମଧ୍ୟରେ ଏହା ଧୀରେ ଧୀରେ ଦୁର୍ବଳ ହୋଇ ଭୀଷଣ ବାତ୍ୟାରୁ ଏକ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି ।ଏହା ମେ ୧୦ ତାରିଖ ପର୍ଯ୍ୟନ୍ତ ଉତର-ପଶ୍ଚିମ ଦିଗକୁ ଗତି କରି ଉତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳରେ ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତର-ପଶ୍ଚିମ ବଙ୍ଗୋପସାଗରରେ ପହଂଚିବାର ସମ୍ଭାବନା ରହିଛି । ଏହା ପରେ ଏହା ଉତର-ଉତର-ପୂର୍ବ ଦିଗକୁ ପୁନଃ ବକ୍ର (କର୍ଭ) କରି ଓଡ଼ିଶା ଉପକୂଳରେ ଉତର-ପଶ୍ଚିମ ବଙ୍ଗୋପସାଗର ଆଡକୁ ଯିବାର ସମ୍ଭାବନା ରହିଛି ।ଏହାର ପ୍ରଭାବରେ ଆସନ୍ତାକାଲି ଗଞ୍ଜାମ, ଗଜପତି ଓ ପୁରୀରେ ପ୍ରବଳ ବର୍ଷା ହୋଇପାରେ । ସେହିପରି ୧୧ ତାରିଖରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତସିଂହପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହା ସହ ୧୨ ତାରିଖରେ ମଧ୍ୟ କିଛି ଜିଲ୍ଲାରେ ବର୍ଷାର ପ୍ରଭାବ ରହିବା ସହ ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡା, ବାଲେଶ୍ୱର,ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଉପକୂଳବର୍ତ୍ତୀ ଜିଲ୍ଲାରେ ଘଂଟାପ୍ରତି ୪୦ ରୁ ୫୦ କିମି ଏବଂ ଝଟକା ପବନ ୬୦ କିମି ବେଗରେ ପବନ ସମ୍ଭାବନା ଥିବାରୁ ଗୋପାଳପୁର, ଧାମରା, ପାରାଦୀପ ଏବଂ ପୁରୀ ସିଗନାଲ ବନ୍ଦର ପାଇଁ ୨ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି ।ଭୀଷଣ ବାତ୍ୟା "ଅସାନି" ସହ ଜଡିତ ବାହ୍ୟ ମେଘ ଖଣ୍ଡ ପ୍ରଭାବରେ ଭୁବନେଶ୍ୱର ଓ କଟକ ସହର ସମେତ ଉପକୂଳ ଓଡିଶାର କିଛି ସ୍ଥାନରେ ବର୍ଷା ହୋଇଛି ।

ଅଶାନ୍ତ ସମୁଦ୍ରରୁ ୧୧ ମତ୍ସ୍ୟଜୀବୀ ଉଦ୍ଧାର

ବେଳେ ସମୁଦ୍ର ଅଶାନ୍ତ ରହିଛି । ଆଉ ଏହି ଅଶାନ୍ତ ସମୁଦ୍ରରେ ଆଜି ଫସି ଯାଇଥିଲେ ୧୧ ଜଣ ମତ୍ସ୍ୟଜୀବୀ। ଗଞ୍ଜାମ ଜିଲ୍ଲା ସୁନାପୁର ନିକଟରେ ସେମାନେ ସମୁଦ୍ରରେ ଫସିଥିବା ବେଳେ ସେମାନଙ୍କୁ ହେଲିକପ୍ଟର ସାହାଯ୍ୟରେ ଉଦ୍ଧାର କରିଛି ତଟରକ୍ଷୀ ବାହିନୀ ।ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀମାନେ ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ମାର୍କଣ୍ଡୀ ଗ୍ରାମ ପଞ୍ଚାୟତର । ସେମାନେ ଡଙ୍ଗା କିଣିବା ପାଇଁ ଆନ୍ଧ୍ର ପ୍ରଦେଶ ଯାଇଥିଲେ । ସେଠାରୁ ଫେରିବା ବେଳେ ଅଶାନ୍ତ ସମୁଦ୍ର ମଧ୍ୟରେ ସେମାନଙ୍କ ଡଙ୍ଗାରେ ଦେଖାଯାଇଥିଲା ଯାନ୍ତ୍ରିକ ତ୍ରୁଟି ଦେଖାଯାଇଥିଲା । ଆଉ ସେମାନେ ସେଠାରେ ଫସି ଯାଇଥିଲେ । ଏନେଇ ସେମାନେ ମାର୍କଣ୍ଡୀ ସରପଞ୍ଚଙ୍କୁ ମୋବାଇଲ୍ ଫୋନ୍ ?ରେ ଯୋଗାଯୋଗ କରିଥିଲେ । ତା'ପରେ ପ୍ରଶାସନର ସହାୟତା ନିଆଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲା । ଏହା ପରେ ତଟରକ୍ଷୀ ବାହିନୀଙ୍କ ସାହାଯ୍ୟ ନିଆଯାଇଥିଲା ଓ ସମସ୍ତ ୧୧ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିଲା । ବ୍ରହ୍ମପୁର ଉପଜିଲ୍ଲାପାଳ ଭି. କିର୍ତ୍ତିଭାସନ କହିଛନ୍ତି, ମତ୍ସ୍ୟଜୀବୀମାନେ ଫସି ରହିଥିବା ନେଇ ଅପରାହ୍ନ ସାଢ଼େ ୨ଟାରୁ ୩ଟା ଭିତରେ ଖବର ପାଇଥିଲୁ । ଘଟଣା ସଂପର୍କରେ ସ୍ୱତନ୍ତ୍ର ରିଲିଫ୍ କମିଶନ (ଏସ୍ଆର୍ସି) ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା । ଏସ୍ଆର୍ସି ଅଫିସ୍ ତଟରକ୍ଷୀ ବାହିନୀ ସହିତ ଯୋଗାଯୋଗ କରିଥିଲା । ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଥମେ ସମୁଦ୍ର ପଥରେ ଯାଇ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରାଯାଇଥିଲା । ତେବେ ସମୁଦ୍ର ଅଶାନ୍ତ ଥିବାରୁ ସେମାନେ ହେଲିକପ୍ଟର ଯୋଗେ ଏୟାରଲିଫ୍ଟ କରିବାକୁ ନିଷ୍ପତ୍ତି ନେଇଥିଲେ । ସାଢ଼େ ୫ଟା ପାଖାପାଖି ଏଠାରେ ହେଲିକପ୍ଟର ପହଞ୍ଚିବା ପରେ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ସମସ୍ତ ୧୧ ଜଣ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିଥିଲା ।ଉପଜିଲ୍ଲାପାଳ କହିଛନ୍ତି, ସମୁଦ୍ରକୂଳରୁ ପ୍ରାୟ ୪-୫ କିଲୋମିଟର ଦୂରରେ ମତ୍ସ୍ୟଜୀବୀମାନେ ଫସି ଯାଇଥିଲେ । ସେମାନେ ବି ବହୁତ ଚେଷ୍ଟା କରିଥିଲେ କୂଳକୁ ଆସିବାକୁ । କିନ୍ତୁ ସମୁଦ୍ର ଅଧିକ ଅଶାନ୍ତ ରହିଥିବାରୁ ସେମାନେ ବିଫଳ ହୋଇଥିଲେ । ଉଦ୍ଧାର ମତ୍ସ୍ୟଜୀବୀମାନଙ୍କର କେଲୁଆପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି ।

ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତିଙ୍କ ଇସ୍ତଫା

ଭୁବନେଶ୍ୱର, ୯।୫(ପି.ଏନ): ବ୍ରଜରାଜନଗର ଉପନିର୍ବାଚନ ଲାଗି ରାଧାରାଣୀ ପଣ୍ଡାଙ୍କୁ ବିଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ ନିଜ ପଦବିରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କର ଇସ୍ତଫା ପତ୍ର ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ପଠାଇ ଦେଇଛନ୍ତି । ସେ କହିଛନ୍ତି ଯେ ତାଙ୍କର ପ୍ରାର୍ଥୀ ହେବା ପାଇଁ ଇଚ୍ଛା ଥିଲା । ତେବେ ତା ଠାରୁ ବଡ କଥା ହେଲା ଦଳର ପ୍ରାର୍ଥୀ ଘୋଷଣା ପାଇଁ ତାଙ୍କ ସହ ସହମତି ପ୍ରକାଶ କରିବାକୁ ଚେଷ୍ଟା ମଧ୍ୟ କରାଯାଇ ନାହିଁ ।

ବ୍ରଜରାଜନଗର ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୯।୫(ପି.ଏନ): ଝାରସୁଗୁଡ଼ା ଜିଲ୍ଲାର ୦୬-ବ୍ରଜରାଜନଗର ଉପନିର୍ବାଚନ ପାଇଁ ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୦୨୨ରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁଯାୟୀ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ଭୋଟରଙ୍କ ସଂଖ୍ୟା ହେଉଛି ୨୧୪୭୪୫ । ତନ୍ମଧ୍ୟରୁ ୧୦୯୯୮୯ ଜଣ ପୁରୁଷ ଓ ୧୦୪୭୩୯ ଜଣ ମହିଳା ଭୋଟର ଏବଂ ୧୭ ଜଣ ତୃତୀୟଲିଙ୍ଗ ଭୋଟର ଅଛନ୍ତି । ସେହିପରି ସମୁଦାୟ ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ହେଉଛି ୩୫୦୯ ଜଣ, ତନ୍ମଧ୍ୟରୁ ୧୯୪୩ ଜଣ ପୁରୁଷ ଓ ୧୫୭୬ ଜଣ ଦିବ୍ୟାଙ୍ଗ ଭୋଟର ଅଟନ୍ତି । ଏତଦ୍ ବ୍ୟତୀତ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଭୋଟରଙ୍କ ସଂଖ୍ୟା ୩୧୨୭ ଓ ତନ୍ମଧ୍ୟରୁ ୧୪୩୨ ଜଣ ପୁରୁଷ ଓ ୧୬୯୫ ଜଣ ମହିଳା ଭୋଟର ଅଛନ୍ତି । ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ସମସ୍ତ ଭୋଟରଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ବୁଥ୍ ସଂଖ୍ୟା ୨୫୭ ଥିବାବେଳେ କୋଭିଡ୍-୧୯ ଦୃଷ୍ଟିକୋଣରୁ ଆଉ ଅତିରିକ୍ତ ୨୨ଟି ବୁଥ୍ ସେହି ସ୍ଥାନରେ ଖୋଲିବା ପାଇଁ ନିର୍ବାଚନ ଆୟୋଗ ଅନୁମତି ଦେଇଛନ୍ତି । ଅର୍ଥାତ୍ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପାଇଁ ସର୍ବମୋଟ ବୁଥ୍ ସଂଖ୍ୟା ହେଉଛି ୨୭୯। ଉପନିର୍ବାଚନରେ ଭୋଟରଙ୍କ ନିମନ୍ତେ ମୁଖ୍ୟ ପରିଚୟ ପତ୍ର ଭାବେ ଭୋଟର ଫଟୋ ପରିଚୟ ପତ୍ର ସହ ଅନ୍ୟ ୧୧ ଟି ପରିଚୟ ପତ୍ରକୁ ଗ୍ରହଣ କରାଯାଇପାରିବ। ଉପନିର୍ବାଚନ ଘୋଷଣା ଦିନ ମଇ ୦୨ ତାରିଖ ଠାରୁ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି ଓ ଏହା ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ବଳବତର ରହିବ । ଏହି ସମୟ ମଧ୍ୟରେ ବିଜ୍ଞାପନ ଛପା ହେଲେ ବିଜ୍ଞାପନରେ କୌଣସି ମନ୍ତ୍ରୀ କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କର ଫଟୋ ରହିବ ନାହିଁ କିମ୍ବା ଏହି ସମୟ ମଧ୍ୟରେ ଜିଲ୍ଲାରେ କୌଣସି ନୂତନ ଯୋଜନା ଘୋଷଣା କିମ୍ବା କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି । ଏହି ସମୟ ମଧ୍ୟରେ ଜିଲ୍ଲାକୁ ମନ୍ତ୍ରୀମାନଙ୍କର ସରକାରୀ ଗସ୍ତ କରାଯାଇପାରିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରକାଶ କରିଛନ୍ତି । ବ୍ରଜରାଜନଗର ଉପନିର୍ବାଚନରେ ଭୋଟଗ୍ରହଣ ଦିନ ବୁଥ୍ ମଧ୍ୟରେ ବିଶୃଙ୍ଖଳା ଓ ବୁଥ୍ ଜବରଦଖଲ ଇତ୍ୟାଦିକୁ ରୋକିବା ଲାଗି ୫୦ ପ୍ରତିଶତ ବୁଥ୍ ରେ ୱେବ୍‌କାଷ୍ଟିଂ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ପ୍ରକାଶ କରିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ରାତି ୧୦ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ମାଇକ୍ ବ୍ୟବହାର ଉପରେ ନିଷୋଧାଦେଶ ଜାରି କରାଯାଇଛି ।

ଶ୍ରୀମନ୍ଦିର ପରିକ୍ରମା: ବଳିଷ୍ଠ ଯୁକ୍ତି ବାଢ଼ିଲାନି କି ରହିତାଦେଶ ମାଗିଲାନି ଏଏସଆଇ, ଭୂମିକା ସନ୍ଦେହ ଘେରରେ



ଭୁବନେଶ୍ୱର,୯।୫(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରର ୧୦୦ମିଟର ନିଷେଧା ଅଂଚ଼ଳରେ ଖନନ ଓ ନିର୍ମାଣ କାର୍ଯ୍ୟ ଯୋଗୁ ଶ୍ରୀମନ୍ଦିର ପ୍ରତି ବିପଦ ଦେଖାଦେଇପାରେ ବୋଲି ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଆଶଙ୍କା ବ୍ୟକ୍ତ କରୁଥିଲେ ମଧ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସଆଇ)ର ଭୂମିକା ଏବେ ସନ୍ଦେହଘେରରେ । ହାଇକୋର୍ଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ ନକରିବା, ଏପରିକି ଶ୍ରୀମନ୍ଦିରରେ ଚ଼ାଲିଥିବା ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ପାଇଁ ମଧ୍ୟ ଏଏସଆଇ ଦାବି ନକରିବା କିମ୍ବା ସେଠାରେ ଆମସାର ଆକ୍ଟ-୧୯୫୮ର ଉଲ୍ଲଙ୍ଘନ କରି ନିର୍ମାଣ ଚ଼ାଲିଛି ବୋଲି ଯୁକ୍ତି ନବାଢ଼ିବା ହିଁ ଖୋଲାଖୋଲି ଭାବେ ଏହି ଜାତୀୟ ଏଜେନ୍ସୀର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି ।ହାଇକୋର୍ଟରେ ଏଏସଆଇ ପକ୍ଷରୁ ଦାଏର ସତ୍ୟପାଠରେ ଶ୍ରୀମନ୍ଦିର ଚ଼ାରିପଟେ ଖନନ ଓ ନିର୍ମାଣ କାର୍ଯ୍ୟ ପାଇଁ କୌଣସି ଅନୁମତି ଦିଆଯାଇନି ବୋଲି ଅବଗତ କରାଯିବା ସହ ନ୍ୟାସନାଲ ମନ୍ୟୁମେଣ୍ଟ ଅଥରିଟି(ଏନଏମଏ) ଦେଇଥିବା ଅନୁମତି ସମ୍ପର୍କରେ ଉଲ୍ଲେଖ କରାଯାଇଛି । କିନ୍ତୁ ଆଜିର ଶୁଣାଣିବେଳେ ଏଏସଆଇର ସତ୍ୟପାଠ ଓ ଯୁକ୍ତିରେ ତାଳମେଳ ନରହିବାରୁ କୋର୍ଟ ବିରକ୍ତି ପ୍ରକାଶ କରିବା ସହ କେଉଁ ଯୁକ୍ତି ଠିକ୍ ବୋଲି ଏଏସଆଇ ଓକିଲ ପିକେ ପହିଙ୍କୁ ପ୍ରଶ୍ନ କରିଥିଲେ ।ଏପରିକି ଏହି ପରିକ୍ରମା ପ୍ରକଳ୍ପ ପାଇଁ ଯଦି ଏଏସଆଇ ଡିଜି ସବୁଜ ସଙ୍କେତ ଦେଇଛନ୍ତି ଓ ଏନଏମଏ ଅନାପତ୍ତି ପ୍ରମାଣପତ୍ର ଦେଇଛନ୍ତି ତା'ହେଲେ ସମସ୍ୟା କେଉଁଠି ବୋଲି କୋର୍ଟ ପ୍ରଶ୍ନ କରିବାକୁ ପଛାଇ ନାହାନ୍ତି । ଆଶ୍ଚର୍ଯ୍ୟଜନକ ଭାବେ ମିଳିତ ଅନୁଧ୍ୟାନ କରିବା ପରେ ଏଏସଆଇ ହାଇକୋର୍ଟରେ ଯେଉଁ ସତ୍ୟପାଠ ଦାଖଲ କରିଛି ସେଥିରେ ନିଷେଧାଂଚ଼ଳ ଭିତରେ ଶୌଚ଼ାଳୟ, ଡ୍ରେନ ଓ ଇଲେକ୍ଟ୍ରିକ କାର୍ଯ୍ୟ ନିମନ୍ତେ କୌଣସି ଅନୁମତିର ଆବଶ୍ୟକ ନଥିବା କହିବାକୁ ପଛାଇ ନାହିଁ । ତେବେ ପ୍ରଶ୍ନ ଉଠୁଛି, ଯଦି ନିଷେଧାଂଚ଼ଳ ପରିସରରେ ନିର୍ମାଣକୁ ନେଇ ଏଏସଆଇର କୌଣସି ଆପତ୍ତି ନାହିଁ ତା'ହେଲେ ଏତେ ହୋ-ହାଲ୍ଲା ଓ ଶ୍ରଦ୍ଧାଳୁଙ୍କ ମନରେ ସନ୍ଦେହ କିଏ ସୃଷ୍ଟି କରାଉଛି ।ସୂଚନା ଅନୁସାରେ, ର

ଟି ଟାଇମ୍

ବର ମାରେ ୩ଥର ଶର

ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ

ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ

ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

ପୁରାଣ କାହାଣୀ

ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି

କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ

'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷୀୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।

ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

ଆଜିର ଭାଗ୍ୟ

ମେଷ
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

ବୃଷ
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

ମିଥୁନ
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ୟାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

କର୍କଟ
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

ସିଂହ
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

କନ୍ୟା
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

ତୁଳା
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

ବିଛା
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

ଧନୁ
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

ମକର
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

କୁମ୍ଭ
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

ମୀନ
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ଲୋକନୃତ୍ୟ 'ରଣପା': ଏକ ଅନୁଶୀଳନ

ଓଡ଼ିଶା ହେଉଛି କଳା ଓ ସଂସ୍କୃତିରେ ପରିପୂର୍ଣ୍ଣ ଏକ ରାଜ୍ୟ। ବିଶେଷକରି ଏହାର ଲୋକ ସଂସ୍କୃତି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଆସିଛି। ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗରେ ଥିବା ଗଞ୍ଜାମ ଜିଲ୍ଲା 'ଲୋକସଂସ୍କୃତି'ର ଏକ ଲୀଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ହୋଇଥିବା ହେତୁ; ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଏହା ମିଳନସ୍ଥଳ। ପୁଣି ଏହାର ଏକ ଚତୁର୍ଥାଂଶ ଅଧିବାସୀ ହେଉଛନ୍ତି ବନବାସୀ। ତେଣୁ ଆର୍ଯ୍ୟ-ଦ୍ରାବିଡ଼ ଓ ଆଦିମ ଅଧିବାସୀଙ୍କ ମିଳିତ ସଂସ୍କୃତିର ଚିତ୍ର ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଗଞ୍ଜାମ ଅଞ୍ଚଳର ଲୋକସଂସ୍କୃତି ଅଧ୍ୟୟନ କଲାବେଳେ ମୁଖ୍ୟତଃ ଏହାର ଲୋକନାଟକ ଦର୍ଶକମାନଙ୍କୁ ବିଶେଷ ଆନନ୍ଦ ପ୍ରଦାନ କରିଥାଏ। ଏଥିରେ ଚିତ୍ତବିନୋଦନ ସହିତ ସମକାଳୀନ ସାମାଜିକ ରୀତିନୀତି, ଲୋକଚରିତ୍ର ଓ ଧର୍ମବିଶ୍ୱାସ ପ୍ରଭୃତି ରୂପାୟିତ ହୋଇଥାଏ। ଗଞ୍ଜାମ ଅଞ୍ଚଳର ଲୋକନାଟକ ଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମତଃ ଏ ଅଞ୍ଚଳର ଅନେକ ନାଟକ; ନାଟ୍ୟଧର୍ମ ବା ଏକ ନିର୍ଦ୍ଦିଷ୍ଟ ରୀତିରେ ପରିବେଷଣ କରାଯାଏ। ପ୍ରହ୍ଲାଦ ନାଟକ, ରାମନାଟକ ଆଦି ଏହି ଶ୍ରେଣୀର ନାଟକ। ଯାହା ମଞ୍ଚ, ସଙ୍ଗୀତ, ବାଦ୍ୟ ଓ ଅଭିନୟରେ ଶାସ୍ତ୍ରୀୟଧାରାକୁ ଅନୁସରଣ କରିଥାଏ। ଅନ୍ୟ କେତେକ ନାଟକରେ ନୃତ୍ୟର ଗୁରୁତ୍ୱ ରହିଥାଏ। ସଖୀନାଚ, ଗାହାଣ, ପାଇକନାଚ, ଲଉଡ଼ିନାଚ, ଢଣକୋଇଲା, ଇତ୍ୟାଦି ଏହି ଶ୍ରେଣୀର। ଏହି ନାଚ ଗୁଡ଼ିକରେ ମଣିଷର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପ୍ରକାଶ ଲାଭ କରିଥାଏ। ସେହିପରି ଲୋକଧର୍ମକୁ ଆଧାର କରି ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଲକ୍ଷ୍ମୀପୂରାଣ, ଭାରତଲୀଳା ଆଦି ଦେଖିବାକୁ ମିଳିଥାଏ। ଏହାସହ ଲୋକ ପ୍ରକାଶଧାରାକୁ ନେଇ ସୃଷ୍ଟି ହୋଇଥିବା ନାଟରେ ବାଘନାଚ, ଚଢ଼େୟାନାଚ, ରଣପା ନୃତ୍ୟ, କେଳାକେଳୁଣୀ

ଓ ରାଜାରାଣୀ ନାଟ, ବାଉଁଶରାଣୀ ଆଦି ପ୍ରଧାନ। ଏସବୁ ଭିତରେ 'ରଣପା' ନୃତ୍ୟ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ। ଗଞ୍ଜାମର ବହୁ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଅରଣ୍ୟ ଜୀବନ ସହ ସମତଳ ଓ ଉପକୂଳ ଅଞ୍ଚଳ ମିଶି ରହିଛି। କିନ୍ତୁ ଅରଣ୍ୟ ପରିବେଷ୍ଟିତ ହୋଇଥିବା ହେତୁ ଏଠାକାର ନୃତ୍ୟରେ ଆରଣ୍ୟକ ଅନୁଭୂତି ପ୍ରତିଫଳିତ ହେବା ସ୍ୱାଭାବିକ। ଏପରି ଏକ ଅନୁଭୂତିକୁ ନେଇ 'ରଣପା' ନୃତ୍ୟ ଏ ଅଞ୍ଚଳରେ ବେଶ୍ ପ୍ରଭାବ ବିସ୍ତାର କରିଥିବା ଅନୁଭବ କରିହୁଏ ।

'ରଣପା' ଶବ୍ଦଟି 'ରଣ' ଓ 'ପା'ର ସମାହାର। 'ରଣ' କହିଲେ ଯୁଦ୍ଧ ଓ 'ପା' କହିଲେ ପାଦକୁ ବୁଝାଏ। ଦୁଇଟି ବାଉଁଶବାଡ଼ିରେ ଏ ନୃତ୍ୟ ପ୍ରଦର୍ଶନ କରାଯାଏ। ଦୁଇଟି ବାଉଁଶବାଡ଼ିରେ ଦୁଇଟି ଛୋଟ କାଠି ବନ୍ଧାଯାଇ ତା' ଉପରେ ପାଦରଖି ନୃତ୍ୟ କରାଯାଏ। ପୌରାଣିକ କାହାଣୀ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପପୁରର ଗଉଡ଼ ବାଳକମାନଙ୍କ ସହ ଗାଈ ଚରାଉଥିଲେ। ଦ୍ୱାପର ଯୁଗ ସବୁଆଡ଼େ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ। ପଥ ଥିଲା କଣ୍ଟକିତ ଓ ସରୀସୃପଙ୍କ ଦ୍ୱାରା ବିପଦସଂକୁଳ। ତେଣୁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ସୁରକ୍ଷା ପାଇଁ ଦୁଇଗୋଟି ବାଉଁଶ ଆଣି ସେଥିରେ କାଠିକୁ ଶିଆଳି ଲଟାଦ୍ୱାରା ବାନ୍ଧି ତା' ଉପରେ ପାଦରଖି ଗାଈ ଚରାଇବାକୁ ଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପ୍ରସ୍ତୁତ କରାଉଥିଲେ। ଗାଈ ଚରାଇବାବେଳେ ସମୟ କାଟିବା ପାଇଁ ଶ୍ରୀକୃଷ୍ଣ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନକରି ସାଥୀମାନଙ୍କୁ ଆମୋଦିତ କରୁଥିଲେ। ବିଭିନ୍ନ ଉପକରଣ ଓ ବଂଶୀଧ୍ୱନୀ ମାଧ୍ୟମରେ ଶବ୍ଦ ସୃଷ୍ଟି କରାଯାଉଥିଲା। ବିଶ୍ୱାସ କରାଯାଏ; ଶ୍ରୀକୃଷ୍ଣଙ୍କ ଏହି ମାନବଲୀଳାକୁ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଆସୁଥିଲେ। କ୍ରମେ ଏହା ଏକ ଲୋକନୃତ୍ୟର ରୂପଧାରଣ କରିଥିଲା। ଅନ୍ୟ କେତେଜଣ ମତବ୍ୟକ୍ତ କରନ୍ତି ଯେ; ପ୍ରାଚୀନ କଳିଙ୍ଗର ଅଧିବାସୀ ଥିଲେ ସମରପ୍ରିୟ। ପ୍ରାଚୀନ କଳିଙ୍ଗ କହିଲେ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ବୁଝାଏ। ଏ ଅଞ୍ଚଳସବୁ ଥିଲା ଦୁର୍ଗମ 'ଗିରି'ରେ ପରିପୂର୍ଣ୍ଣ। ବିପଦସଂକୁଳ ଅରଣ୍ୟ ପଥକୁ ଅତିକ୍ରମ କରି ଏ ଅଞ୍ଚଳର ଯୋଦ୍ଧାମାନେ ଶତ୍ରୁଙ୍କୁ ପରାସ୍ତ କରିବା ନିମନ୍ତେ 'ରଣପା' ବ୍ୟବହାର କରୁଥିଲେ। ଏହାର ବ୍ୟବହାର ଦ୍ୱାରା ସରୀସୃପ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ସହ କଣ୍ଟକିତ ରାସ୍ତାକୁ ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅତିକ୍ରମ କରି ହେଉଥିଲା। ବାଡ଼ି ବ୍ୟବହାର ଦ୍ୱାରା ଉତ୍ପନ୍ନ ଶବ୍ଦ ମଧ୍ୟ ସରୀସୃପମାନଙ୍କୁ ଦୂରେଇ ରଖୁଥିଲା। ଅନ୍ୟ କେତେକ ଆଲୋଚକଙ୍କ ମତରେ - ଅତୀତରେ ରାଜରାଜୁଡ଼ାଶାସନ ସମୟରେ ଦୂତମାନଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଉଥିଲା। ସଡ଼କ ପଥ ଭଲନଥିବା ଅଭାବ ହେତୁ ଦୁର୍ଗମ ଅଞ୍ଚଳ ଅତିକ୍ରମ କରିବା ପାଇଁ 'ରଣପା' ବ୍ୟବହାର କରାଯାଉଥିଲା।

'ରଣପା' ନୃତ୍ୟ ଗଂଜାମ ଜିଲ୍ଲାର ଏକ ମୌଳିକ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ନୃତ୍ୟ ଛତିଶଗଡ଼ର ଆଦିବାସୀମାନଙ୍କ ଦ୍ୱାରା ମଧ୍ୟ ପ୍ରଦର୍ଶିତ ହେଉଥିବା ଦେଖାଯାଏ। ଏହି ନୃତ୍ୟକୁ ସେଠାରେ 'ଗେଡ଼ି' ନୃତ୍ୟ କୁହାଯାଏ। ପୁରୁଷ ଓ ସ୍ତ୍ରୀ ଉଭୟେ ପାଇକଛା ମାରି, ମୁଣ୍ଡରେ ପକ୍ଷୀର ପର ଓ ମୟୁରପୁଚ୍ଛ ଲଗାଇ, ପାଦରେ ଝୁମୁକାର ବଳା ପିନ୍ଧି ଏ ନୃତ୍ୟ ପରିବେଷଣ କରିଥା'ନ୍ତି। ଲାଲ୍‌ଶାଢ଼ୀ ଓ କଉଡ଼ିର ଅଳଙ୍କାର ମାନ ଧାରଣ କରିବା ସହ, ବୃତ୍ତାକାର ଭାବରେ ପର୍ବପର୍ବାଣିରେ ଏହି ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି। ସେହିପରି ଅନେକ ସମୟରେ ସର୍କସ୍‌ରେ 'ରଣପା'ର ବ୍ୟବହାର ଦେଖାଯାଏ। ୧୨ ଫୁଟ ଲମ୍ବ ବାଉଁଶରେ ପାଦ ରଖିବା ପାଇଁ ପାହୁଲା ସଂଯୋଗ କରି, ଏମାନେ ନୃତ୍ୟ ପରିବେଷଣ କରିଥା'ନ୍ତି। ଆଧୁନିକ ଭାଓଲିନ୍ ଧରି ଏମାନେ ସଂଗୀତର ତାଳେତାଳେ ଭୂମି ସ୍ପର୍ଶ କରୁଥିବା ଲମ୍ବା ପ୍ୟାଣ୍ଟ, ସାଧାରଣ ପାଇଜାମା ଓ ମୁଣ୍ଡରେ ଟୋପି ଧାରଣ କରିଥା'ନ୍ତି। ଅନେକ ସମୟରେ ବିଜ୍ଞାପନ ପାଇଁ ମଧ୍ୟ 'ରଣପା' ବାଡ଼ିରେ ବିଭିନ୍ନ ଆକର୍ଷଣୀୟ ପୋଷାକ ପିନ୍ଧି ମେଳା, ମହୋତ୍ସବ ତଥା ଯାତ୍ରା ସମୟରେ ଏହି କଳାକାରମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ଲୋକପ୍ରିୟତା ଏତେ ବେଶି ଯେ 'ପ୍ରେମ ଅଢ଼େଇ ଅକ୍ଷର' ଚଳଚ୍ଚିତ୍ରରେ ନାୟକ ବାବୁଶାନ ସହିତ ରଣପା କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା।

'ରଣପା' ନିର୍ମାଣ କୌଶଳ: 'ରଣପା' ନୃତ୍ୟରେ ରଣପା ବାଡ଼ିର ଭୂମିକା ଅତ୍ୟନ୍ତ ଉପାଦେୟ। ଏହି ନୃତ୍ୟରେ ରଣପା ବାଡ଼ିକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଉଥିବା ବେଳେ ଅନ୍ୟ ସମସ୍ତ ବାଦ୍ୟ ଉପକରଣଗୁଡ଼ିକ ସହାୟକ ଭୂମିକା ନିର୍ବାହ କରିଥାନ୍ତି। କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ ଥିଲା ବାଉଁଶ। ବାଉଁଶ ନିର୍ମିତ ବଂଶୀ କୃଷ୍ଣଙ୍କର ଥିଲା ଅତି ପ୍ରିୟ। ଏହି ବଂଶୀସ୍ୱନରେ ସେ ଗୋପନାରୀମାନଙ୍କୁ ମୁଗ୍ଧ କରୁଥିଲେ। ପୁଣି ଗୋଗୋଷ୍ଠକୁ ଗଲାବେଳେ ବାଉଁଶ ବାଡ଼ି ଦ୍ୱାରା ଗାଈମାନଙ୍କୁ ଏକାଠି କରୁଥିଲେ। ଏହି ବାଉଁଶବାଡ଼ି 'ରଣପା' ନୃତ୍ୟର ମୁଖ୍ୟ ଉପାଦାନ। ପାକଳ ବାଉଁଶବାଡ଼ିକୁ ସଂଗ୍ରହ କରି ତାକୁ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ସଳଖ ବାଉଁଶ ଗୁଡ଼ିକୁ ପାଣିରୁ ଛାଣି ନିଆଁରେ ଶୁଖାଯାଏ । ଗଣ୍ଠିଗୁଡ଼ିକୁ ଚଞ୍ଚି ମସୃଣ କରାଯାଏ। ଏହାର ଉଚ୍ଚତା ରହେ ପାଞ୍ଚରୁ ସାତ ଫୁଟ। ବାଡ଼ିର ଚଉଦରୁ ସତର ଇଞ୍ଚ ମଧ୍ୟରେ ପାହୁଲା ସଂଯୋଗ କରାଯାଏ। ପାହୁଲାଟିକୁ ଶିଆଳି ଲଇ ଦ୍ୱାରା ବନ୍ଧାଯାଏ। ଓଦା ଲଇ ବନ୍ଧା ହେବା ପରେ ଶୁଖିଯାଇ ଏପରି ଶକ୍ତ ହୁଏ ଯେ, ଯେତେ ନୃତ୍ୟ କଲେ ବି ହୁଗୁଳା ହୁଏ ନାହିଁ। ସ୍ଥଳବିଶେଷରେ ବର୍ତ୍ତମାନ ଝୋଟ ନିର୍ମିତ ଦଉଡ଼ିର ମଧ୍ୟ ବ୍ୟବହାର କରାଯାଏ।

'ରଣପା' ନୃତ୍ୟର ପୋଷାକ ପରିକଳ୍ପନା: 'ରଣପା'ର ପୋଷାକ ଗୁଡ଼ିକ ଗୌଡ଼ୀୟ ଓ ବୈଷ୍ଣବ ଚିନ୍ତାଧାରା ଦ୍ୱାରା ପ୍ରଭାବିତ। ସାଧାରଣତଃ ଶୁଭ କାର୍ଯ୍ୟରେ ହଳଦୀ ଓ ସିନ୍ଦୂର ଶୁଭ ବୋଲି ବ୍ୟବହାର କରାଯାଏ। ତେଣୁ 'ରଣପା' ନୃତ୍ୟର ପୋଷାକ ମଧ୍ୟ ଲାଲ ଓ ହଳଦିଆ ରଙ୍ଗ ହୋଇଥାଏ। କଳାକାରମାନେ ଲାଲ ରଙ୍ଗର ଖଦି ବସ୍ତ୍ରକୁ ପାଇକଛା ମାରି ବ୍ୟବହାର କରନ୍ତି ଏବଂ ହଳଦିଆ ରଙ୍ଗର ଫତେଇ ଦେହରେ ପିନ୍ଧନ୍ତି। ବସ୍ତ୍ର ହୁଗୁଳା ନହେବା ପାଇଁ କମରପଟି ବନ୍ଧାଯାଏ। ନୃତ୍ୟ ସମୟରେ ଏମାନେ ପଗଡ଼ି ବ୍ୟବହାର କରନ୍ତି। ପଗଡ଼ିରେ ମୟୁରପୁଚ୍ଛ, ପକ୍ଷୀର ପର, ଗଛର ଡାଳ ଲଗାଯାଇ ଏହାକୁ ଆକର୍ଷଣୀୟ କରାଯାଏ। ଏପରିକି ଶାଢ଼ୀର ସୁନ୍ଦର ଧଡ଼ୀକୁ ଫତେଇରେ ଯୋଡ଼ାଯାଇ, ଏହାକୁ ଅଧିକ ସୁନ୍ଦର କରାଯାଇଥାଏ।

'ରଣପା' ନୃତ୍ୟର ଆଭୂଷଣ: 'ରଣପା' ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ। ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ। 'ରଣପା' ନୃତ୍ୟରେ

ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା'ନ୍ତି। ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ। ଆଲୁମିନିୟମ୍ ତିଆରି କଙ୍କଣ ମଧ୍ୟ କଚିରେ ଧାରଣ କରାଯାଉଥାଏ। ଏହା ସହ କାଚମାଳି ବାହୁରେ ବାଜୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ।

'ରଣପା' ନୃତ୍ୟର ବାଦ୍ୟଯନ୍ତ୍ର: ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ। ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ। ପୁଣି ଚାରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା -'ତଡ଼ବାଦ୍ୟ': ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତଡ଼ବାଦ୍ୟ କୁହାଯାଏ। ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡ଼ୁକି ଆଦି ଏହି ଶ୍ରେଣୀର ବାଦ୍ୟ। ଅନ୍ୟଏକ ବାଦ୍ୟ ହେଉଛି 'ସୁଷିର' ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ। ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ। ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ 'ଅବନଦ୍ଧ' ବାଦ୍ୟ କୁହାଯାଏ। ଢୋଲ, ଚାଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ। ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା'କୁ 'ଘନବାଦ୍ୟ' କୁହାଯାଏ। ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ। କିନ୍ତୁ 'ରଣପା' ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଚାଙ୍ଗୁ ଓ ଢୋଲ। ଏହା 'ଅବନଦ୍ଧ' ବାଦ୍ୟ ଶ୍ରେଣୀୟ। ବିଶେଷ କରି ଚାଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ। ଚାଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ। ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ। ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ। ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ। ଚାରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ। ଏହାର ମଝି ଅଂଶ ଫମ୍ପା ଥାଏ। ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ। ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ। ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ। ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ। ଏହା 'ସୁଷିର' ବାଦ୍ୟ ଶ୍ରେଣୀୟ। ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ। ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ। ଏହାଛଡ଼ା କରତାଳ, ଢୁମ୍ପା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ।

'ରଣପା' ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ। ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ। ଚାଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି। ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ। ତା'ପରେ ଚାଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି। ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ। ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଭକ୍ତ ଚରଣଙ୍କ 'କଳାକଳେବର କହ୍ନାଇ' ପ୍ରାୟତଃ ଗାନ କରିଥା'ନ୍ତି। ଯେପରିକି -

''କୋଇଲି ଲକ୍ଷ୍ମୀବନ୍ତ ଅଟେ ନାରାୟଣ।
ଲଳିତରେ ନାମଦେଲେ ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି।
କୋଇଲି, ବୃନ୍ଦାବନ ନ ଶୋଭଇ ମୋର।
ବହ୍ମା କିଏ ଚରାଇବ ଯମୁନାତୀର, ଲୋ କୋଇଲି।'' (କେଶବକୋଇଲି)

ଏବଂ ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୂତ।
କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।୧।
ଖସିପଡ଼ୁଛି କି ଆକାଶୁ ଏକି ଗଙ୍ଗା ଯମୁନା।
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା।୨।
ଗହନ କାନନ ବନରେ ଘୋର ବରଷା କାଳ।
ଗିରିବାମ କରେ ଧଇଲେ ନନ୍ଦ ଯଶୋଦା -ବାଳ ।୩।
ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।
ଘେନି ବହ୍ମାବୃନ୍ଦ ସଙ୍ଗତେ ବନେ ବୁଲନ୍ତି ନିତି ।୪।'' (କଳାକଳେବର କହ୍ନାଇ)

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ। ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ। ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ

ଏହି ନୃତ୍ୟ ପରିବେଷଣ କରାଯାଏ। ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ୍ୟ ଏହି ନୃତ୍ୟରେ ଦେଖିବାକୁ ମିଳେ। ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକା ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ। ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ। ବର୍ତ୍ତମାନର 'ବିଶ୍ୱଗ୍ରାମ ପରିକଳ୍ପନା' ପ୍ରେକ୍ଷାପଟ୍ଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ର

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମେ' ୧୦

ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଯଥା ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଛି। ରୀତିକାନ୍ତୀ ଅନୁଯାୟୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ଆଙ୍କାମାଳ ରଥଖଳାକୁ ବିଜେ ହୋଇଥାନ୍ତି। ମହାଜନ ସେବକଙ୍କ ହାତରେ ରାମକୃଷ୍ଣ ବିଜେ ହୋଇ ମୁକ୍ତି ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ ହୋଇଥାନ୍ତି। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ଘଣ୍ଟ, ଛତା, କାହାଳୀ ଏବଂ ସେବାୟତଙ୍କ ଗହଣରେ ବିମାନ ବଡୁ ସେବକମାନେ ଠାକୁର ଠାକୁରାଣୀ ମାନଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥାନ୍ତି। ପାଲିଙ୍କି ଏବଂ ବିମାନ ରାଜ ନହରରେ ପହଞ୍ଚିବା ପରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳା ମଧ୍ୟରୁ ଚନ୍ଦନ ଯାତ୍ରା ବା ଗନ୍ଧଲେପନ ଯାତ୍ରା ଅନ୍ୟତମ। ଏହି ଯାତ୍ରା ବା ପର୍ବ ଅନ୍ୟ ପର୍ବ ଠାରୁ ଭିନ୍ନ ଏଇଥିପାଇଁ ଯେ ଏହା ହେଉଛି ମହାପ୍ରଭୁଙ୍କ ସବୁଠୁ ଅଧିକ ଦିନ ଧରି ଚାଲୁଥିବା ଯାତ୍ରା। ଏହା ବୈଶାଖ ଶୁକ୍ଳ ତୃତୀୟା ବା ପବିତ୍ର ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ବା ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ

ହୋଇଥାଏ। ଏହା ଅକ୍ଷୟ ଅଷ୍ଟମୀ ପର୍ଯ୍ୟନ୍ତ ୨୧ ଦିନ ଚନ୍ଦନଯାତ୍ରା ରୂପେ ପାଳିତ ୨୧ ଦିନ ଜ୍ୟେଷ୍ଠ ଶୁକ୍ଳ ଭିତର ଚନ୍ଦନ ରୂପେ ଦିନର ଯାତ୍ରା ପାଇଁ ମଧ୍ୟ ପଡ଼ିଥାଏ। ଏହି ପର୍ବରେ ମଦନ ମୋହନ ପଟୁଆର

ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ନରେନ୍ଦ୍ର ପୁଷ୍କରିଣୀରେ ବାହାର ହେଉଥିବା ବେଳେ ପରବର୍ତ୍ତୀ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପାଳିତ ହୋଇଥାଏ। ଏହି ଦୀର୍ଘ ସ୍ୱତନ୍ତ୍ର ପ୍ରସ୍ତୁତି ହେବାକୁ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ସହକାରେ ଯାଇ ନରେନ୍ଦ୍ର ପୋଖରୀରେ ଚାପ ଖେଳିଥାନ୍ତି। ମହାପ୍ରଭୁଙ୍କର ଏହି ଏକୋଇଶ ଦିବସ ବ୍ୟାପୀ ବାହାର ବିଜେ ଚନ୍ଦନ ଯାତ୍ରା ଉପଲକ୍ଷେ ନରେନ୍ଦ୍ର ପୁଷ୍କରିଣୀସ୍ଥ ଚନ୍ଦନ ମଣ୍ଡପ ଠାରେ ଦୈନିକ ପ୍ରାୟ ୬୪ ଜଣ ସେବକଙ୍କର ଆବଶ୍ୟକତା ପଡ଼ିଥାଏ। ତନ୍ମଧ୍ୟରେ ପୂଜାପଣ୍ଡା, ପୁଷ୍ପାଳକ ମହାଜନ, ଗରାବଡୁ, ବିମାନବଡୁ, ହଡ଼ପ, ସୁଧସୁଆର, ଖଟଶେଯ ମେକାପ, କାହାଳିଆ, ଅମିନ ମହାସୁଆର, ବଜନ୍ତରୀ, ଓଲରା, ଛତାର, ପାଳିଆ ମହାସୁଆର, ଚଣାପୁଆ, ପାଗୁଆ, କଣ୍ଡୁଆ, ତୋଳାବଡୁ, ବେହେରା ଖଣ୍ଟିଆ, ଛାମୁ ଖୁଣ୍ଟିଆ, ଭଣ୍ଡାର ମେକାପ, ଛାମୁ ଦିହୁଡ଼ି, ଦେଉଳକରଣ, ତଳାଉକରଣ, ବେହେରାକରଣ, ପଞ୍ଚମହାଦେବଙ୍କ ସେବକ ଇତ୍ୟାଦି ଅନ୍ତର୍ଭୁକ୍ତ। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ନିକଟରେ ୮ଫୁଟ ପ୍ରସ୍ଥ ଓ ୧୨ଫୁଟ ଦୈର୍ଘ୍ୟ ବିଶିଷ୍ଟ ଚନ୍ଦନ ଘର ଅଛି। ସେଠାରେ ପ୍ରତ୍ୟେକ ଦିନ ଶ୍ରୀଜୀଉ ମାନଙ୍କ ଲାଗି ଚନ୍ଦନ ଘୋରାଯାଇଥାଏ। ଚନ୍ଦନ ଘୋରିବା ପାଇଁ ଚନ୍ଦନ ଘରେ ଥିବା ତିନୋଟି ଶିଳକୁ ଘଟୁଆରୀ ସେବକମାନେ ବ୍ୟବହାର କରିଥାନ୍ତି। ସମୁଦାୟ ସାତଜଣ ଘଟୁଆରୀ ଚନ୍ଦନ ଘୋରିଥାନ୍ତି। ସାଧାରଣ ଦିନ ମାନଙ୍କରେ ଘଟୁଆରୀ ସେବକମାନେ ପ୍ରାୟ ୪୪୨ ଗ୍ରାମ ଓଜନର ଚନ୍ଦନ କାଠ ଘୋରିଥାନ୍ତି। ତେବେ ଚନ୍ଦନ ଯାତ୍ରା ବେଳେ ପ୍ରାୟ ୧ କିଲୋ ଓଜନର ଚନ୍ଦନ କାଠ ଘୋରିଥାନ୍ତି।

ରଥ ନିର୍ମାଣ ଅନୁକୂଳ ନୀତି ସମ୍ପନ୍ନ ହେବା ପରେ ଶ୍ରୀ ରାମକୃଷ୍ଣ, ଶ୍ରୀ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଏବଂ ନୀଳକଣ୍ଠ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥାନ୍ତି। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ଆଗରେ ଚାଲିଥାନ୍ତି ରାମକୃଷ୍ଣ। ରାମକୃଷ୍ଣଙ୍କ ପାଲିଙ୍କି ପଛରେ ଦୋହଲି ଦୋହଲି ମଣି ବିମାନରେ ଯାଆନ୍ତି ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ। ତାଙ୍କ ପଛରେ ଥାଆନ୍ତି ପଞ୍ଚ ମହାଦେବ। ସମସ୍ତ ଦେବୀଦେବ ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଛ ମହାପାତ୍ର ଜଳଲାଗି କରନ୍ତି। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥାଏ। ନନ୍ଦା ଚାପରେ ରାମକୃଷ୍ଣ ଓ ପଞ୍ଚ ମହାଦେବ ବିଜେ ହୋଇଥାନ୍ତି। ଭଦ୍ର ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ କରନ୍ତି। ଏହାପରେ ଦିନ ଚାପ ହୋଇ ନରେନ୍ଦ୍ର ପୁଷ୍କରିଣୀରେ ଘେରାଏ ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥାଏ। ରାମକୃଷ୍ଣ ଭଦ୍ରାଚାପ ବା ମଦନମୋହନଙ୍କ ଚାପକୁ ବିଜେ ହୋଇଥାନ୍ତି। ପରେ ସେଠାରେ ରାଜ ବନ୍ଦାପନା ଏବଂ ଆଲୋଟ ଚାମର କରାଯାଇଥାଏ। ପରେ ଠାକୁରମାନେ ଜଗତି ଉପରକୁ ବିଜେ କରିଥାନ୍ତି। ପରେ ଠାକୁରମାନେ ଚନ୍ଦନକୁଣ୍ଡ ମଧ୍ୟରେ ପ୍ରବେଶ କରି ଫୁଲରେ ବେଶ କରାଯାଇଥାଏ। ପ୍ରଥମ ଦିବସରେ ମଦନମୋହନଙ୍କୁ ନଟବର ବେଶ କରାଯାଇ ମାଣ୍ଡୁଆ ଭୋଗ କରାଯାଇଥାଏ। ପରେ ବିଡ଼ିଆ ମଣୋହି କରାଯାଇଥାଏ। ପରେ ଠାକୁରମାନେ ଜଳକ୍ରୀଡ଼ା କରି ଶ୍ରୀମନ୍ଦିରକୁ ବାହୁଡ଼ି ଥାଆନ୍ତି। ତେବେ ଚଳିତ ବର୍ଷ ମହାପ୍ରଭୁଙ୍କ ଚନ୍ଦନଯାତ୍ରାରେ ଭକ୍ତମାନେ ସାମିଲ ହୋଇଛନ୍ତି। ଭକ୍ତଙ୍କ ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ଏବଂ ଚନ୍ଦନ ଚକଡ଼ା ପ୍ରକମ୍ପିତ ହୋଇଥିଲା। ମଣି ବିମାନ ଆଗେ ଆଗେ କଳାକରମାନେ ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟ ପରିବେଷଣ କରିଥାନ୍ତି। ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିବେଷଣ କରାଯାଏ। ଦୁଇବର୍ଷ ପରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ସାମିଲ ହେବା ସହ ସ୍ୱଚକ୍ଷୁରେ ଯାତ୍ରା ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

ବିପିନବିହାରୀ ରାଉତ, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩
E-mail: bipinrout@rediffmail.com

ଆଜିର ଅନୁଚିନ୍ତା

ପରମେଶ୍ୱରଙ୍କୁ ପ୍ରଣାମ କରିବାର ଅର୍ଥ ତାଙ୍କ ପ୍ରତି କୃତଜ୍ଞତା ଜଣାଇବା ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ କରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

ଦେଶ ସାଂପ୍ରଦାୟିକ ଫାସିବାଦ ଆଡକୁ ମୁହାଁଇଛି !

.....ମାୟାଧର ନାୟକ.....

ଭାରତବର୍ଷର ନାଭିକେନ୍ଦ୍ରରେ ଆଜି କମ୍ପନ! ଗଣତନ୍ତ୍ର ଆଜି ରକ୍ତାକ୍ତ! ଯୁଦ୍ଧ, ସାମ୍ପ୍ରଦାୟିକ ଦଙ୍ଗା, ଦୁର୍ନୀତି, ଅନୀତି, ଧର୍ଷଣ, ଗଣହତ୍ୟା ଓ ବିକୃତିର ବର୍ବରତାରେ ଅତିଷ୍ଠ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟ ଆଡକୁ ନେଇ ଯିବା ପାଇଁ ଉନ୍ମାଦନା, ଉତେଜନା ସୃଷ୍ଟି କରିବା ସଂଗେ ସଂଗେ ଜନଗଣଙ୍କ ଅଧିକାରକୁ ପଣ୍ୟ କରିବା ପାଇଁ କଦର୍ଯ୍ୟ, କୁତ୍ସିତ ଚରିତ୍ର ସଂହାର, ବାକ୍‌ଚାତୁରୀ, ଉଦ୍ଦଣ୍ଡ ନାଚ, ଗଣମାଧ୍ୟମରେ ନକଲି ଚେହେରା ପ୍ରଦର୍ଶନ ଓ ମିଥ୍ୟା ପ୍ରଚାର କରି ଭୋଟଦାତାମାନଙ୍କ ମଧ୍ୟରେ ବିଭ୍ରାନ୍ତ, ବିଦ୍ୱେଷ ଓ ଦ୍ୱନ୍ଦ ସୃଷ୍ଟି କରାଯାଉଛି। ଅନେକ ବର୍ଷ ହେଲା ଶିଳ୍ପପତି, ରାଜନୈତିକ ନେତା, ଅପରାଧୀ ଓ ପ୍ରଶାସକଙ୍କ ଅଶୁଭ ମୈତ୍ରୀ ଗଢି ଉଠିଛି। ଯାହାଫଳରେ ଅଳ୍ପସଂଖ୍ୟକ ଲୋକ ଲକ୍ଷପତିରୁ କୋଟିପତି ହେବାରେ ଲାଗିଛନ୍ତି। କୋଟି କୋଟି ମେହେନତି ଜନଗଣ ନାହିଁ ନଥିବା ଅଭାବରେ ହନ୍ତସନ୍ତ ହେଉଛନ୍ତି। କାମ ନାହିଁ, ଖାଦ୍ୟ ନାହିଁ, ଜମିରେ ଜଳ ନାହିଁ, ଚାରିଆଡେ ନାହିଁ ନାହିଁର ନକ୍‌ସା। ଏବେ ରାଜନୀତି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି। ନିର୍ବାଚନରେ ଦେଶବାସୀଙ୍କ ପାଇଁ କୌଣସି ଦଳର ବାସ୍ତବ ଆଭିମୁଖ୍ୟ ନାହିଁ। ଦଳମାନଙ୍କର ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦିଆଯାଇଛି–ସେ ସବୁ କେବଳ ପାଣିର ଗାର।

ଭାରତବର୍ଷର ଜନସାଧାରଣ ଆଜି ଜଳକା ହୋଇ ଚାହିଁ ରହିଛନ୍ତି–ମାରି ନେଉଥିବା ମହାପାତ୍ରମାନେ ବସିଛନ୍ତି କ୍ଷମତାର ମସନଦ୍‌ରେ। ପ୍ରିୟାପ୍ରୀତି ତୋଷଣ ତ' ସାଧାରଣ କଥା–ଲାଂଚ, ମିଛ ଦୁର୍ନୀତିକୁ ଆଶ୍ରୟ ଓ ପ୍ରଶ୍ରୟ ଦେଇଚାଲିଥିବା ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାରେ ହତ୍ୟା, ଗଣସଂହାର, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି ପରିଣତ ହୋଇସାରିଲାଣି ଗୋଟିଏ ଗୋଟିଏ ସ୍ୱାଭାବିକ ଚଳଣିରେ।

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ। ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି। ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତ୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ। ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି। ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି। ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର। ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ!



ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ-ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ। ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି। ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତ୍ତି ଫୁଟିଉଠେ–ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ। ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି। ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି। ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର। ଏ ରାଜନୀତି ସ୍ୱବିରୋଧର ରାଜନୀତି– ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା-ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ!

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର। ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି-ଅଜସ୍ର ଚିହ୍ନ ବା ପ୍ରତୀକ– କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ। ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା-ଦଲାଲ୍‌ମାନେ-ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି। ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ-ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟ୍‌ଦାରମାନଙ୍କ ସହିତ। ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ– ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା। କାହାକୁ ବିଶ୍ୱାସ କରିବା? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ। ଯିଏ ଯେତେ ବେଶି ଦୁର୍ନୀତି କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା-ଯିଏ ଯେତେ ବେଶି ଗୁଣ୍ଡା ପୋଷି ପାରିଲା, ସିଏ ହେଲା ସେତେବଡ କରିତ୍‌କର୍ମା କାର୍ପଟ୍‌ଦାର! ଏଇ ହେଉଛି ଆଜିର ହାଲ୍‌ଚାଲ୍।

ପ୍ରିୟ ବଂଧୁଗଣ, ଆପଣମାନେ ଲକ୍ଷ୍ୟ କରନ୍ତୁ– ଏ ରାଜନୀତି କାହାର? ଏ ନେତାସବୁ କାହାର? ଏ ଶାସନ ଓ ପ୍ରଶାସନ କାହାର? ଆପଣମାନେ ଏ ପ୍ରଶ୍ନ ବାରମ୍ବାର ପଚାରନ୍ତୁ ସେମାନଙ୍କୁ–ଯେଉଁମାନେ କେବଳ ନିର୍ବାଚନ ବେଳେ ଆସି ମୁହଁ ଦେଖାନ୍ତି ଆପଣମାନଙ୍କ ଦୁଆରେ–ବଡ ବଡ କଥା କହନ୍ତି, ଭାଷଣବାଜି କରନ୍ତି, ମିଥ୍ୟା ଶପଥପାଠ କରନ୍ତି ବିନା ସଂକୋଚରେ। ଆମେ କ'ଣ ସେମାନଙ୍କୁ ବରଦାସ୍ତ କରିଚାଲିଥିବା ଏମିତି ସବୁଦିନେ? ନିଜେ ଭୁଖା ରହି ମାନି ନେଉଥିବା ସେମାନଙ୍କ କପଟପାସାକୁ? ମୁଖା ଖସାଇବା ନାହିଁ ସେମାନଙ୍କ ମୁହଁରୁ?

ଭାରତବର୍ଷ ଆଜି ଜ୍ୱଳନ୍ତ ଜତୁଗୃହ। ସବୁଠି ନିଆଁ ଲାଗିଚି–ସବୁଠି ନିଆଁ ଜଳୁଛି–ମଶାଣିରେ, ମନ୍ଦିରରେ, ମସ୍‌ଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନ୍‌ରେ, ଗାଆଁଗଣ୍ଡାରେ, ସହରରେ–ସବୁଠି! ମଣିଷ ମନରେ ନିଆଁ ଲାଗିଛି-ନିଆଁ ଲାଗିଛି ପ୍ରବଂଚିତ ଜନତାର ସଂଚିତ ସ୍ୱପ୍ନରେ! ଏ ନିଆଁ ଲିଭାଇବ କିଏ?

ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖୀନ୍ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି, ଯେଉଁମାନେ ମାର୍ବଲ ମହଲର କାଠ-କୋଠରୀରେ ଶୋଇ ହିସାବଫର୍ଦ୍ଦ ପଢନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି– ସେମାନେ ଲିଭାଇବେ ନାହିଁ ଏ ନିଆଁ।

ଏ ନିଆଁ ଲିଭାଇବେ ଆପଣମାନେ। ଜନଜାଗରଣର ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ– ଭବିଷ୍ୟତ ବଦଳିବ–ବ୍ୟବସ୍ଥା ବଦଳିବ–ବଦଳିବ ଏ ଉତପ୍ତ ଅବସ୍ଥା।

ଆଜି ଭାରତବର୍ଷର ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରି। ଯେଉଁଠି ଚାହିଁଲେ ବି କେବଳ ଗଦାଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ! ଅସୁସ୍ଥ ରାଜନୀତି, ଦୁଃସ୍ଥ ଅର୍ଥନୀତି ପଙ୍ଗୁ କରିଦେଇଛି ଭାରତୀୟ ସମାଜ ବ୍ୟବସ୍ଥାକୁ। ଆମେ ସୀମାନ୍ତର ଶତ୍ରୁମାନଙ୍କୁ ସାମ୍ନା କରିପାରିଛୁ, ମାତ୍ର ଅନ୍ତରାଳର ଅରାତିମାନଙ୍କୁ ଚିହ୍ନି ବି ପାରିଲୁନାହିଁ ଏଯାବତ୍। ଅସତ୍ ରାଜନେତା ଏବଂ ଅସାଧୁ ପୁଞ୍ଜିପତିମାନଙ୍କର ଅଶୁଭ ମୈତ୍ରୀ ଅଣନିଃଶ୍ୱାସୀ କରିସାରିଛି ଭାରତବର୍ଷକୁ–ଜନପ୍ରତିନିଧି ଭାବରେ ଆମେ ଯେଉଁମାନଙ୍କୁ ପଠାଉଛୁ ପାର୍ଲାମେଂଟକୁ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଇ ପୁଞ୍ଜିପତିମାନଙ୍କର ପୁତଳିକା ପାଲଟୁଛନ୍ତି ସେଠି-ପ୍ରତିବାଦର ପରମ୍ପରାରେ ଘୁ

ପାଂଚଟି ବର୍ଷରେ ଓଡିଶା ହେବ ଭାରତର ଏକ ନମ୍ବର ରାଜ୍ୟ : ସମୃଦ୍ଧ ଓଡିଶା

ଭୁବନେଶ୍ୱର,(ପି.ଏନ): ଆଜି ସମୃଦ୍ଧ ଓଡିଶା ଦଳ ଆଗାମୀ ନିର୍ବାଚନରେ ଦଳକୁ ବହୁ ସଂଖ୍ୟାରେ ଜିତାଇବାକୁ ଓଡିଶାବାସୀଙ୍କୁ ନିବେଦନ କରିଛି । ମାତ୍ର ପାଂଚଟି ବର୍ଷରେ ଓଡିଶାର ରୂପରେଖ ବଦଳେଇ ଦେବାକୁ ପ୍ରତିଶ୍ରୁତି ଦେଇଛି । ଦଳର ସଭାପତି ଡଃ ଯତୀଶ ଚନ୍ଦ୍ର ମହାଂ ଶ୍ରୀଲଙ୍କା, ଭେନେଜୁଏଲା ପ୍ରଭୃତି ଦେଶର ପରିସ୍ଥିତିକୁ ଓଡିଶାରେ ପୁନରାବୃତି ନ କରି ଆଗାମୀ ପିଢୀକୁ ସଙ୍କଟ / ବିନାଶରୁ ବଂଚେଇବା ସପକ୍ଷରେ ଦୃଢ ଯୁକ୍ତି ବାଢିଛଂ । ଆମ ରାଜ୍ୟରୁ ଗରିବୀ ଓ ବେକାରୀ ଦୂର କରିବା ପାଇଁ ଚାଷ, ଚାଷଭିତିକ ଶିଳ୍ପ, କ୍ଷୁଦ୍ର ଓ କୁଟୀର ଶିଳ୍ପର ବିକାଶ କରିବା ଦଳର ମୁଖ୍ୟ କାର୍ଯ୍ୟକ୍ରମ ହେବ । ଆଗାମୀ ପାଂଚ ବର୍ଷରେ ଏକ କୋଟି ଏକର ଚାଷ ଜମିକୁ ଜଳସେଚିତ କରାଯିବ । ଯୁବପିଢୀଙ୍କୁ ବେକାରୀ ଓ ବେରୋଜଗାରୀରୁ ମୁକ୍ତି କରିବା ପାଇଁ ଏକ କୋଟି ନିଯୁକ୍ତି ଓ ଆତ୍ମନିଯୁକ୍ତିର ବ୍ୟବସ୍ଥା କରାଯିବ । ଓଡିଶାର ଭବିଷ୍ୟତ ଯୁବପିଢୀ ହୋଇଥିବାରୁ, ଯୁବପିଢୀର ସର୍ବାଙ୍ଗୀନ ବିକାଶକୁ ଆଗ୍ରାଧିକାର ଦିଆଯିବ । ପୋଲିସ୍ ଓ ପ୍ରଶାସନର ମିଥ୍ୟା କେସ୍ କିମ୍ବା କୌଣସି ରାଜନୈତିକ ଦଳର ଆକ୍ରୋଶରୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ । ଦଳ ମାଗଣା ବିଜୁଳି, ପାଣି ଦେବା ବଦଳରେ ଲୋକଙ୍କର ରୋଜଗାର ବଢାଇ (ଅତିକମ୍‌ରେ ପ୍ରତି ପରିବାରର ମାସିକ ରୋଜଗାର ଟ୨୦,୦୦୦ଙ୍କା) ସବୁ ଦେୟ ନିଜେ ଦେବା ପାଇଁ ଲୋକଙ୍କୁ ସକ୍ଷମ କରାଇବ । ନିଃସହାୟ ଲୋକଙ୍କୁ ରାଜ୍ୟ ନିଜର ଅତିଥି ଭଳି ବିଚାର କରି ସବୁ ସୁବିଧା ସୁଯୋଗ ଯୋଗାଇ ଦେବ । ଓଡିଶାର ଭାଇଭଉଣୀମାନଙ୍କୁ ନିଜର ସରକାରୀ କାର୍ଯ୍ୟ ପାଇଁ ଟଙ୍କାଟିଏ ବି ଲାଂଚ ଦେବାକୁ ପଡିବ ନାହିଁ । ସରକାରୀ ଅଧିକାରୀଙ୍କ ସହଯୋଗରେ ରାଜ୍ୟରୁ ଦୁର୍ନୀତିର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ହେବ । ସବୁ ବିଧାୟକ, ସାଂସଦ ଓ ରାଜନୈତିକ ପଦାଧିକାରୀ ପ୍ରତି ୬ମାସରେ ଜନସାଧାରଣଙ୍କ ସାମ୍ନାରେ ହାଜର ହୋଇ ନିଜ ସାଧୁତାର ପ୍ରମାଣ ଦେବେ । ତୃଣମୂଳ ସ୍ତରରେ ଦଳର ସାଥୀମାନଙ୍କର ପ୍ରଥମ ବର୍ଷରେ ମାସିକ ରୋଜଗାର ଟ୨୦,୦୦୦ଙ୍କାରୁ ଊର୍ଦ୍ଧ୍ୱ କରାଯିବ । ଯାହାଦ୍ୱାରା ସେମାନେ ଲାଂଚ ନେବାରୁ ନିବୃତ ରହିବେ । ଦଳର ଖର୍ଚ୍ଚ ପାଇଁ ମାସକୁ ୧୦୦ଟଙ୍କା ଅନୁଦାନ ମଧ୍ୟ ଦେବେ ଓ ପ୍ରତିଦିନ ସମାଜ ପାଇଁ କିଛି ସମୟ ଦେବେ । ସାଧାରଣ ଜନତା ବାରମ୍ବାର ବିଭିନ୍ନ କାମ ପାଇଁ ସରକାରୀ ଅଫିସ୍‌କୁ ଯିବେ ନାହିଁ ବରଂ ତାଙ୍କ ଦ୍ୱାର ମୁହଁକୁ ପ୍ରଶାସନ ଆସିବ । ଶିକ୍ଷାର ଗୁଣାତ୍ମକ ମାନ୍ୟତା ବଢେଇବା ଓ ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରାଯିବ । ପ୍ରତି ଜିଲ୍ଲାରେ ଗୋଟିଏ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା କରାଯିବ । ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ଖାଲି ପଡିଥିବା ସବୁ ପଦବୀରେ ନିଯୁକ୍ତି ଦିଆଯିବ । ସରକାରଙ୍କ ସବୁ କାର୍ଯ୍ୟାଳୟରେ ଓଡିଆ ଭାଷାର ପ୍ରଚଳନକୁ ସୁନିଶ୍ଚିତ କରାଯିବ ଓ ଉଲ୍ଲଙ୍ଘନକାରୀଙ୍କୁ କଠିନ ଦଣ୍ଡବିଧାନ ପାଇଁ ନିୟମ ପ୍ରଣୟନ କରାଯିବ । ଓଡିଶାରେ ଅବହେଳାର ଶିକାର ହେଉଥିବା ଦଳିତ ଓ ଆଦିବାସୀ ବର୍ଗର ପରିବାରଙ୍କ ରୋଜଗାର ବଢାଇବା ସହ ସେମାନଙ୍କ ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ବିକାଶ କରାଯିବ । ସାରା ଓଡିଶାରେ ମହିଳାମାନଙ୍କୁ ସମ୍ମାନ ଦେବା ସହ ସେମାନଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାର ଅସୁରକ୍ଷାକୁ ଦୃଢ ପଦକ୍ଷେପ ବଳରେ ଦମନ କରାଯିବ । ସରକାରଙ୍କର ସବୁ ମୁଖ୍ୟ ନିଷ୍ପତ୍ତିରେ ପ୍ରତିପକ୍ଷ ଦଳଙ୍କର ଓ ଜନତାର ପୂର୍ଣ୍ଣ ଭାଗିଦାରୀ ରହିବ । ପ୍ରତି ପଂଚାୟତ ଓ ମ୍ୟୁନିସିପାଲିଟିକୁ ଆସୁଥିବା ଅନୁଦାନର ସ୍ୱଚ୍ଛ କାର୍ଯ୍ୟକାରିତାରେ ଓ ଲୋକଙ୍କର ସାଂସ୍କୃତିକ ଓ ଆଧାତ୍ମିକ ବିକାଶ କରି ପ୍ରତ୍ୟେକ ଗାଁ ଓ ସହରକୁ ବିକଶିତ କରାଯିବ । ପ୍ରତି ପଂଚାୟତକୁ ଏକକ ଭାବେ ନିଆଯାଇ ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରାଯିବ । ରାଜ୍ୟର ଖଣି, ପାଣି ଓ ଜଙ୍ଗଲ ସଂପଦର ଲୁଟ୍‌କୁ ସମ୍ପୂର୍ଣ୍ଣ ରୋକାଯିବ । ଓଡିଶାରେ ଭରପୂର ଥିବା ପ୍ରାକୃତିକ ସମ୍ପଦର ସୁବିନିଯୋଗ କରାଯାଇ ଓଡିଶାକୁ ସମୃଦ୍ଧି ପଥରେ ଆଗେଇ ନିଆଯିବ ବୋଲି ସମୃଦ୍ଧ ଓଡିଶାର ସଭାପତି ଡଃ ଯତୀଶ ଚନ୍ଦ୍ର ମହାଂ ଦୃଢ ଭାବେ ଘୋଷଣା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ରାଜନୀତିଜ୍ଞ ତଥା ଓଡିଶା ସରକାରଙ୍କ ଉଦ୍ୟୋଗ ବିଭାଗର ପୂର୍ବତନ ସଚିବ ପଂଚାନନ ଦାସ,ଅଧ୍ୟାପକ ଡଃ ପ୍ରଦୀପ୍ତ ବାରିକ୍, ଶିକ୍ଷାବିତ୍ ଡଃ ମିନାକ୍ଷୀ ଦାସ,ଯୁବନେତା ନୀଳକଣ୍ଠ ରେଡ୍ଡୀ, ସମାଜସେବୀ ଶୁଭମ୍ ସାମଲ ଓ ଅନ୍ୟମାନେ ସମୃଦ୍ଧ ଓଡିଶା ଦଳରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦଳର ମୁଖ୍ୟ ପରାମର୍ଶଦାତା ଜଷ୍ଟିସ୍ ଉମାଚରଣ ମିଶ୍ର,ବରିଷ୍ଠ ଉପସଭାପତି ମନୋରଂଜନ ଦାସ, ନନ୍ଦ ହାଂସଦା, ସାଧାରଣ ସମ୍ପାଦକ ନିରାକାର ବେଉରା, ଶରତ ଜେନା, ଆଡ୍‌ଭୋକେଟ୍ ସୁଶୀ ମହାପାତ୍ର, ସନ୍ଦୀପ୍ ବାଗ୍, ପରେଶ ଭଂଜ ଓ ବିଭିନ୍ନ ଜିଲ୍ଲା ସଂଗଠକ ବିନାୟକ ଶତପଥୀ,ଅନାମ ବାବା,ଆରିଫ୍ ଖାନ୍, ନିହାରିକା ମହାପାତ୍ର,ସଂତୋଷ ମଲ୍ଲିକ,ଟିକୁ ମନି, ଦେବୀପ୍ରସାଦ ମହାରଣା, ପ୍ରକାଶ ବିଶ୍ୱାଳ ପ୍ରମୁଖଙ୍କୁ ଦଳର ସଭାପତି ସମୃଦ୍ଧ ଓଡିଶାର ବାର୍ତାକୁ ପ୍ରତ୍ୟେକ ପରିବାର ପାଖରେ ପହଂଚାଇବା ପାଇଁ ଆହ୍ୱାନ ଦେଇଥିଲେ । ବିଗତ ୭୫ବର୍ଷରେ ଯାହା ନହୋଇଛି, ତାହା ମାତ୍ର ୫ଟି ବର୍ଷରେ ଓଡିଶାକୁ ସମୃଦ୍ଧ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବା ଉପରେ ସଭାପତି ଡଃ ମହାଂ ଗୁରୁତ୍ୱାରୋପ କରିଥିଲେ । ଏଥିସହ ସେ ଦୃଢ ଭାବେ ଘୋଷଣା କରିଥିଲେ ଯେ, ସମୃଦ୍ଧ ଓଡିଶା ଦଳ ହିଁ ଜଗନ୍ନାଥ ଭୂମି ଓଡିଶାରେ ସୁଖ, ଶାଂ ଓ ସମୃଦ୍ଧି ଭରା ରାମ ରାଜ୍ୟ ପ୍ରତିଷ୍ଠା କରିପାରିବ । ଏହାଦ୍ୱାରା ଏକ ବିକଶିତ ନୂଆ ଭାରତ ନିର୍ମାଣର ମୂଳଦୂଆ ପଡିପାରିବ । ଆଉ ଆମେ ସମସ୍ତେ ଗର୍ବରେ କହିପାରିବା-'ଆମେ ଓଡିଆ' ।

ପ୍ରତ୍ୟେକ ଉପଭୋକ୍ତା ପାଖରେ ଗୁଣବତାସଂପନ୍ନ ବିଜୁଳି ପହଂଚାଇବା ଲକ୍ଷ୍ୟ ହେବା ଆବଶ୍ୟକ : ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ):ଉପଭୋକ୍ତାଙ୍କ ପାଖରେ ୨୪ ଘଂଟା ନିରନ୍ତର ବିଜୁଳି ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ତେଣୁ ସବୁ ଉପଭୋକ୍ତାଙ୍କ ଆବଶ୍ୟକତା ପୂରଣ ଆମ ସମସ୍ତଙ୍କର ପ୍ରାଥମିକତା ରହିବା ଉଚିତ ବୋଲି ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ମତବ୍ୟକ୍ତ କରିଛନ୍ତି । ଶନିବାର ଦିନ ଖାରବେଳ ଭବନସ୍ଥିତ ଶକ୍ତି ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୫-'ଟି' ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ ରାଜ୍ୟ ସରକାରଙ୍କ ଉପରେ ଓଡ଼ିଶାର ଜନସାଧାରଣ ଦୀର୍ଘଦିନ ହେବ ବିଶ୍ୱାସ କରିଆସିଛନ୍ତି ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଶକ୍ତି ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଓଡ଼ିଶା ବର୍ତମାନ ବିଦ୍ୟୁତ ବଳକା ରାଜ୍ୟ ଭାବେ ପରିଗଣିତ। ଏହି ଦୃଷ୍ଟିରୁ ଉପଭୋକ୍ତାଙ୍କୁ ସର୍ବୋଚ୍ଚ ସେବା ଯୋଗାଇଦେବା ବିଭାଗର କର୍ତବ୍ୟ ବୋଲି ମନ୍ତ୍ରୀ ବୈଠକରେ ଉଲ୍ଲେଖ କରିଥିଲେ । ସେହିପରି ଆଗାମୀ ୨୦୨୩ରେ ରାଉରକେଲାଠାରେ ହକି ବିଶ୍ୱକପ୍ ଆୟୋଜନ ହେଉଥିବାରୁ ସମଗ୍ର ରାଉରକେଲା ସହରର ବିଦ୍ୟୁତ ଭିତିଭୂମି ସୁଦୃଢ଼ କରିବା ନେଇ ମନ୍ତ୍ରୀ କ୍ୟାପ୍‌ଟେନ ମିଶ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବର୍ତମାନ ସମୟରେ ସୌରଶକ୍ତି ପରି ସବୁଜ ଶକ୍ତିର ଉତ୍ପାଦନ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରିବା ଉପରେ ଆଲୋଚନା ହୋଇଥିଲା । ଏଥି ସହ ବିଭିନ୍ନ ସରକାରୀ ଏବଂ ଘରୋଇ କୋଠାରେ ଅଧିକ ସୌରଶକ୍ତି ଉତ୍ପାଦନ ନିମନ୍ତେ ବ୍ୟବସ୍ଥା ସହ ଆଗାମୀ ଦିନରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବୈଦ୍ୟୁତିକ ଯାନ ବ୍ୟବହାର ନିମନ୍ତେ ଚାର୍ଜିଂ ଷ୍ଟେସନ୍ ସ୍ଥାପନ ଉପରେ ଆଲୋଚନା ହୋଇଥିଲା । ବୈଠକରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଯୋଗଦେଇ ତେଲକୋଇ ଏବଂ ଆଖପାଖ ଅଞ୍ଚଳରେ ଲାଗି ରହୁଥିବା ବିଦ୍ୟୁତ ସମସ୍ୟା ଦୂର ପାଇଁ ଶକ୍ତିମନ୍ତ୍ରୀଙ୍କୁ ଜଣାଇଥିଲେ ।

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

ଖାତାବୁକ୍ ମାଇଁଷ୍ଟୋର୍ ଆପ୍ ପକ୍ଷରୁ ମାତ୍ର ୧୫ ମିନିଟ୍‌ରେ ବ୍ୟବସାୟୀଙ୍କୁ ଅନ୍‌ଲାଇନ୍ ବ୍ୟବସାୟ କରିବାର ସୁବିଧା ପ୍ରଦାନ

ଭୁବନେଶ୍ୱର: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଫିନ୍‌ଟେକ୍ ଷ୍ଟାର୍ଟ-ଅପ୍, ଖାତାବୁକ୍ ଏବେ ଆଣ୍ଡ୍ରଏଡ୍‌ରେ ଏହାର 'ମାଇଁଷ୍ଟୋର୍' ଆପ୍‌ର ଶୁଭାରମ୍ଭ କରିଛି । ସହଜ ସାଇନ୍-ଅପ୍ ପ୍ରକ୍ରିୟା ସହିତ ଏହା ହେଉଛି ଏକ ଅନ୍ତର୍ନିହିତ ଓ ସୁରକ୍ଷିତ ଇଂଟରଫେସ୍ ବିଶିଷ୍ଟ ଆପ୍, ଯାହାକି ବ୍ୟବସାୟୀମାନଙ୍କୁ ମାତ୍ର ୧୫ ମିନିଟ୍ ମଧ୍ୟରେ ସେମାନଙ୍କର ଅନ୍‌ଲାଇନ୍ ବ୍ୟବସାୟ ଆରମ୍ଭ କରିବାରେ ସାହାଯ୍ୟ କରିଥାଏ । ଖାତାବୁକ୍‌ର 'ମାଇଁଷ୍ଟୋର୍' ଆପ୍ ୧୩ଟି ଭାରତୀୟ ଭାଷାରେ ଉପଲବ୍ଧ ଯାହା ବ୍ୟବହାରର ସହଜତା ଓ ସର୍ବଭାରତୀୟ ଗ୍ରହଣୀୟତାକୁ ସୁନିଶ୍ଚିତ କରୁଛି । ଏହି ଆପ୍ ବ୍ୟବସାୟୀମାନଙ୍କୁ ସାମାଜିକ ଦୂରତା ନିୟମ ବଜାୟ ରଖି ବ୍ୟବସାୟ ଜାରି ରଖିବାକୁ ସକ୍ଷମ କରିଥାଏ । ମାଇଁଷ୍ଟୋର୍ ଆପ୍‌କୁ ପୂର୍ବରୁ ଦେଶର ୨୫ ଲକ୍ଷରୁ ଅଧିକ ବ୍ୟବସାୟୀ ଇନ୍‌ଷ୍ଟଲ କରିଛନ୍ତି । ଏହି ଆପ୍‌ରେ ଫ୍ଲାଗ୍‌ସିପ୍ ବା ମୂଳ ଖାତାବୁକ୍ ଆପ୍‌ର ୟୁଜର୍ ଆଧାରର ଏକ ତୃତୀୟାଂଶରୁ ଅଧିକ ୟୁଜର୍ ପ୍ରୋଫାଇଲ ସଂଲଗ୍ନ ଥିବା ଅନୁମାନ କରାଯାଉଛି । ଏହି ଆପ୍‌ର ଲଂଚ୍ ଅବସରରେ ସହପ୍ରତିଷ୍ଠାତା ତଥା ସିଇଓ ରବିଶ ନରେଶ କହିଛନ୍ତି, ଆମେ ନିରନ୍ତର ଭାବେ ଦକ୍ଷତା ବୃଦ୍ଧି ସହିତ ଭାରତର ଏମ୍‌ଏସ୍‌ଏମ୍‌ଇ ବର୍ଗ ପାଇଁ ବ୍ୟବସାୟ ସଂଚାଳନ ଖର୍ଚ୍ଚକୁ ହ୍ରାସ କରିବା ଲାଗି ଉପାୟ ଖୋଜୁଛୁ । ମାଇଁଷ୍ଟୋର ଆପ୍‌ର ଉନ୍ମୋଚନ ଏହି ଉଦ୍ଦେଶ୍ୟ ଉପରେ ଆଧାରିତ ଏବଂ ଏହା ଜିଡିଟାଲ ଯୁଗରେ ବ୍ୟବସାୟ କରିବାର ଏକ ଅଧିକ ବିକଶିତ ଉପାୟ ପାଇଁ ଅଫର୍ ଓ ଏକ ଦୃଢ ବୈଷୟିକ ଭିତିଭୂମି ପ୍ରଦାନ କରୁଛି । ମାଇଁଷ୍ଟୋର୍ ଆପ୍‌କୁ ବ୍ୟବହାର କରିବା ଲାଗି ପ୍ରଥମେ ଏହାକୁ ଡାଉନ୍‌ଲୋଡ୍ କରନ୍ତୁ । ପରେ ଏଥିରେ ନାମ, ଉତ୍ପାଦ ଓ ମୂଲ୍ୟ ପରି ବ୍ୟବସାୟ ସମ୍ବନ୍ଧିତ ତଥ୍ୟ ଦିଅନ୍ତୁ । ନିଜ ପସନ୍ଦର ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଗ୍ରାହକଙ୍କ ସହିତ ଷ୍ଟୋର୍ ଲିଙ୍କ୍ ନିୟୋଜିତ କରନ୍ତୁ ଓ ବିକ୍ରି ଆରମ୍ଭ କରନ୍ତୁ । ଖାତାବୁକ୍ ଆପ୍‌ର ମାସିକ ସକ୍ରିୟ ଉପଭୋକ୍ତା ଆଧାର ୮୦ ଲକ୍ଷ ରହିଥିବା ବେଳେ ଏହା ପାରମ୍ପରିକ ବ୍ୟବସାୟ ଉଧାର ଖାତାବହି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ କରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପରେ ସୁଧଶର ଆଣିଛି । ଏହି ଆପ୍ କିରାନା ଷ୍ଟୋରଠାରୁ ଆରମ୍ଭ କରି ମୋବାଇଲ ରିଚାର୍ଜ ଦୋକାନ, ଗାର୍‌ମେଂଟ୍ ଡିଲର ଓ ଜୁଏଲର୍ସ ପର୍ଯ୍ୟନ୍ତ ପ୍ରାୟ ୫୦୦ରୁ ଅଧିକ ପ୍ରକାରର ବ୍ୟବସାୟକୁ ସେବା ପ୍ରଦାନ କରୁଛି ।

ନ୍ୟୁହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଣ୍ଟି ଘୋଷଣା

ଭୁବନେଶ୍ୱର : ପୃଥିବୀର ଅଗ୍ରଣୀ ଏଗ୍ରିକଲଚର ବ୍ରାଣ୍ଡ୍ ନ୍ୟୁ ହଲାଣ୍ଡ ଏଗ୍ରିକଲଚର ପକ୍ଷରୁ ଭାରତରେ ଏହାର ସମସ୍ତ ଟ୍ରାକ୍ଟର ଉପରେ ୬ ବର୍ଷର ଟ୍ରାନ୍ସଫରରେବୁଲ୍ ଟି-ୱାରେଣ୍ଟି ଘୋଷଣା କରାଯାଇଛି । ପ୍ରଥମ କରି ନ୍ୟୁ ହଲାଣ୍ଡ ପକ୍ଷରୁ ଏଭଳି ସୁବିଧା ଗ୍ରାହକଙ୍କ ପାଇଁ ଘୋଷଣା କରାଯାଇଛି । କମ୍ପାନୀ ପକ୍ଷରୁ ୬ ବର୍ଷ ଏବଂ ୬୦୦୦ ଘଂଟାର ୱାରେଂଟି ପଲିସି ୨୦୨୦ ଅକ୍ଟୋବର ୨୦ାରୁ ଲାଗୁ ହୋଇଛି । ଏହି ୱାରେଂଟି ସୁବିଧା ସହଜରେ ରିସେଲ୍ ସମୟରେ ବିକ୍ରେତାଙ୍କଠାରୁ କ୍ରେତାଙ୍କ ପାଖକୁ ଟ୍ରାନ୍ସଫର୍ ମଧ୍ୟ ହୋଇପାରିବ । ଏହି ଅବସରରେ ନ୍ୟୁ ହଲାଣ୍ଡ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତ ଏବଂ ସାର୍କର ପରିଚାଳନା ନିର୍ଦ୍ଦେଶକ ତଥା କଂଟ୍ରି ହେଡ୍ ରୌନକ୍ ବର୍ମା କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ଜ୍ଞାନକୌଶଳ, ବିଶ୍ୱାସନୀୟତା ଏବଂ ଗୁଣବର୍ତା ପାଇଁ ଖ୍ୟାତି ହାସଲ କରିପାରିଛି । ଆମେ ଆମର ଉତ୍ପାଦ ଉପରେ ବେଶ୍ ନିଶ୍ଚିତ । ତେଣୁ ଆମେ ୬ ବର୍ଷର ୱାରେଂଟି ସୁବିଧା ଭାରତରେ ସମସ୍ତ ଟ୍ରାକ୍ଟର ଉପରେ ଘୋଷଣା କରିଛୁ । ଦେଶର କୃଷକମାନଙ୍କ ପ୍ରତି ଥିବା ଆମର ପ୍ରତିଶ୍ରୁତି ବଦ୍ଧତାକୁ ଏହା ସୂଚିତ କରୁଛି । ଏହି ଅବସରରେ ନ୍ୟୁ ହଲାଣ୍ଡ୍ ଏଗ୍ରିକଲଚର୍ ବ୍ରାଣ୍ଡ୍‌ର ଭାରତର ସେଲସ୍ ନିର୍ଦ୍ଦେଶକ ବିମଲ କୁମାର କହିଲେ, ନ୍ୟୁ ହଲାଣ୍ଡ ଏଗ୍ରିକଲଚର ବ୍ରାଣ୍ଡ୍ ପକ୍ଷରୁ ଘୋଷଣା କରାଯାଇଥିବା ୬ ବର୍ଷର ଟି-ୱାରେଂଟି ଆମର ଶ୍ରେଷ୍ଠ ଜ୍ଞାନକୌଶଳକୁ ପ୍ରତିପାଦିତ କରିବାକୁ ସକ୍ଷମ ହୋଇଛି । ଏହି ୱାରେଂଟି ସୁବିଧା ପରବର୍ତୀ କ୍ରେତାଙ୍କ ପାଖକୁ ସହଜରେ ଟ୍ରାନ୍ସଫର ହୋଇପାରିବ । ନ୍ୟୁ ହଲାଣ୍ଡ ଏଗ୍ରିକଲଚର ଶ୍ରେଷ୍ଠ ଜ୍ଞାନକୌଶଳଯୁକ୍ତ ଟ୍ରାକ୍ଟର ଉପଲବ୍ଧ କରାଯାଇଥାଏ । ଏହା ସହିତ ସମସ୍ତ ଚାଷ ଉପକରଣ ଚାଷ ଜମି ପ୍ରସ୍ତୁତିଠାରୁ ଆରମ୍ଭ କରି ଫସଲ ଅମଳ ପର୍ଯ୍ୟନ୍ତ ଉପଲବ୍ଧ କରାଇଥାଏ । ଏହା ଘାସ ଏବଂ ଚାରା ରୋପଣ ଉପକରଣ, ପ୍ଲାଂଟର, ବାଲେର, ସ୍ପ୍ରେୟର, ଟିଲର ଉପକରଣ ଆଦି ପ୍ରସ୍ତୁତ କରିଥାଏ । କମ୍ପାନୀର ଟ୍ରାକ୍ଟର ରେଞ୍ଜ ଉନ୍ନତ ଜ୍ଞାନକୌଶଳ ଆଧାରରେ ନିର୍ମିତ । ଏଗୁଡ଼ିକ ବିଶେଷ ଶକ୍ତିଶାଳୀ ଏବଂ ଏହାର ଇଞ୍ଜିନ୍ ଇନ୍ଧନ ସଂଚୟକାରୀ । ଭାରତବ୍ୟାପି କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଆବଶ୍ୟକ ତାଲିମ୍ ବିକ୍ରି ପରବର୍ତୀ ସେବା ଅନ୍ତର୍ଗତ ମଧ୍ୟ ଯୋଗାଇ ଦିଆଯାଇଥାଏ ।

ସମ୍ଭାବ୍ୟ ବାତ୍ୟା ପାଇଁ ପ୍ରସ୍ତୁତି ସହ ସଜାଗ ରହିବାକୁ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,(ପି.ଏନ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ନଗର ଉନ୍ନୟନ ବିଭାଗ ଓ ପଂଚାୟତିରାଜ ବିଭାଗ ଆବଶ୍ୟକୀୟ ପ୍ରସ୍ତୁତ ରହିବାକୁ ପଂଚାୟତିରାଜ,ପାନୀୟଜଳ,ଆଇନ, ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଜେନା ଆଜି ଦୁଇ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି । ରାଜ୍ୟର ୨୦୯ଟି ବ୍ଲକ୍ ଏବଂ ୭୭ ଟି ପୌରାଂଚଳ ପ୍ରଭାବିତ ହେବାର ଆଶଙ୍କା ଥିବା ପ୍ରକାଶ । ସମସ୍ତ ପୌରାଂଚଳରେ ଖାଲୁଆ ଅଂଚଳରୁ ବର୍ଷାପାଣି ନିଷ୍କାସନ ପାଇଁ ପ୍ରାୟ ୫୦୦ ଟି ଜେନ୍‌ସେଟ୍ ଓ ଡିଜି ସେଟ୍ ଅନ ହୁଇଲ ବାବସ୍ଥା କରାଯାଇଛି । ଆବଶ୍ୟକ ସ୍ଥଳେ ଅଧିକ ଜେନେରେଟର ବ୍ୟବସ୍ଥା କରିବାକୁ କୁହାଯାଇଛି । ଜେନେରେଟର ଓ ପାଣି ପମ୍ପ ଆଗୁଆ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ରଖି ଆବଶ୍ୟକ ବେଳେ ତୁରନ୍ତ କାମରେ ଲାଗିପାରିବ ।ସେହିପରି ବାତ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଯେପରି ପିଇବା ପାଣିର କୌଣସି ପ୍ରକାର ଅସୁବିଧା ନହୁଏ , ସେଥି ପ୍ରତି ସତର୍କ ରହିବାକୁ କୁହାଯାଇଛି । ଏଥି ପାଇଁ ଆବଶ୍ୟ ସଂଖ୍ୟକ ସିନ୍ଟେକ୍ସ ଟାଙ୍କି ବାବସ୍ଥା କରି ପିଇବା ପାଣି ମହଜୁତ ରଖାଯିବ । ସହରାଂଚଳମାନଙ୍କରେ ଜିଲ୍ଲାପାଳ ମାନଙ୍କ ପରାମର୍ଶ କ୍ରମେ ଖାଦ୍ୟ ବ୍ୟବସ୍ଥା କରାଯିବ । ପୌରାଂଚଳମାନଙ୍କରେ ୨୪ ଘଂଟିଆ ୟୁନିଫାଏଡ୍ ନିୟନ୍ତ୍ରଣ କକ୍ଷଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ସହରଚଂଳର ଯେଉଁଠି ଜଳବନ୍ଦି ସମସ୍ୟା ରହିବ ସେହି

କୋଭିଡ୍ ଆୟୋଗ ଗଠନ କରନ୍ତୁ କେନ୍ଦ୍ର ସରକାର !

ଭୁବନେଶ୍ୱର (ପିଏନ୍): ମହାମାରୀ କୋଭିଡରେ ସାରା ବିଶ୍ୱ ପ୍ରଭାବିତ ହୋଇଥିବା ବେଳେ ଆମ ଦେଶ ମଧ୍ୟ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ବହୁ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବା ବେଳେ ଅନେକ ପରିବାର ନିଶ୍ଚିହ୍ନ ହୋଇଯାଇଛି। କୋଭିଡ କାଳରେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଅମ୍ଳଜାନ ଓ ବେଡ୍‌ର ଅଭାବ ଯୋଗୁ ଅକାଳରେ ଅନେକ ଜୀବନ ଯାଇଛି। ମାତ୍ର ମୋଦି ସରକାର ଏ ସବୁ ଅବ୍ୟବସ୍ଥା ଓ କୋଭିଡ୍ ମୃତ୍ୟୁ ସଂଖ୍ୟା ଲୁଚାଇ ବାହା ବାହା ନେବାକୁ ହୀନ ପ୍ରୟାସ କରିଛନ୍ତି। ଯାହାକି ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ସ୍ପଷ୍ଟ ହୋଇଛି। ମୋଦି ସରକାର ଆମ ଦେଶରେ କୋଭିଡ ଜନିତ ମୃତ୍ୟୁ ସଂଖ୍ୟା ୪.୮ ଲକ୍ଷ ଦର୍ଶାଇଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହା ୪୭ ଲକ୍ଷ ବୋଲି କହିଛି। ଯାହାକି ମୋଦି ସରକାରଙ୍କ ଅପାରଗତାକୁ ପଦାରେ ପକାଇ ଦେଇଛି ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତି ରଂଜନ ଲେଙ୍କା କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତିରେ ଡ. ଲେଙ୍କା କୋଭିଡ୍ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅପାରଗତା ସମ୍ପର୍କରେ କହିବା ସହ ପ୍ରକୃତ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ସାମ୍ନାକୁ ଆଣିବା ନିମନ୍ତେ ସରକାର ସର୍ବଦଳୀୟ ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି ରଖିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୋଭିଡ ସମୟରେ କୁଢ଼ କୁଢ଼ ମୃତ ଦେହ ଗଙ୍ଗା ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଲୋକେ ଅକ୍ସିଜେନ୍ ପାଇଁ ଡହଳ ବିକଳ ହେଉଥିଲେ। ଏହି ସମୟରେ ଯୁବ କଂଗ୍ରେସ ତା'ର ଯୁବ ସାଥିମାନଙ୍କୁ ନେଇ କୋଭିଡ୍ ଆକ୍ରାନ୍ତଙ୍କୁ ପାରୁପର୍ଯ୍ୟନ୍ତ ସହାୟତା କରିବା ପାଇଁ ଉଦ୍ୟମ କରିଥିଲା। ବିଶେଷ କରି ରାଜଧାନୀ ଦିଲ୍ଲୀରେ ଯେତେବେଳେ ସଙ୍କଟଜନକ ପରିସ୍ଥିତି ଉପୁଜିଥିଲା, ସେତେବେଳେ ସରକାର ହାତ ଟେକି ଦେଇଥିଲେ। ମାତ୍ର ଯୁବ କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନେତୃତ୍ୱରେ ସେତେବେଳେ ଯୁବ ସାଥିମାନେ ରୋଗୀଙ୍କୁ ଅକ୍ସିଜେନ୍ ଯୋଗାଣ ସହ ବିଭିନ୍ନ ସହାୟତା କରିଥିଲେ। ତାଙ୍କ ନେତୃତ୍ୱରେ ଦେଶ ଓ ଦେଶ ବାହାରର ବହୁ ସ୍ୱେଚ୍ଛାସେବୀ ସଂଗଠନ କୋଭିଡ୍ ବିରୋଧି ଲଢ଼େଇରେ ସାମିଲ ହୋଇଥିଲେ। ଏଥିପାଇଁ ସେମାନେ ଶ୍ରୀନିବାସ ବିଭିଙ୍କୁ ଅକ୍ସିଜେନ୍ ମ୍ୟାନ୍ ଆଖ୍ୟା ଦେଇଥିଲେ। ମାତ୍ର ମୋଦି ସରକାର ଯୁବ କଂଗ୍ରେସର ଏହି ସହାୟତା ଅଭିଯାନକୁ ଗ୍ରହଣ କରିପାରି ନ ଥିଲେ। ଏଥିପାଇଁ ଶ୍ରୀନିବାସ ବିଭିଙ୍କୁ ଜେରାର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ଯୁବ କଂଗ୍ରେସ କର୍ମୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଆସିବା ପରେ ସରକାର କୋଭିଡ୍ ମୃତକଙ୍କ ସଂଖ୍ୟା ଲୁଚାଇଥିବା ଓ ବ୍ୟାପକ କୋଭିଡ୍ ସହାୟତା ପାଣ୍ଠି ହେରଫେର କରିଥିବା ସ୍ପଷ୍ଟ ହୋଇଛି। ତେଣୁ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବା ପାଇଁ ସରକାର ସବୁ ଦଳର ନେତାଙ୍କୁ ନେଇ ଏକ କୋଭିଡ୍ ଆୟୋଗ ଗଠନ କରିବାକୁ ଡ. ଲେଙ୍କା ଦାବି କରିଛନ୍ତି।

ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର (ପିଏନ୍): ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ସମ୍ମିଳନୀର ବରିଷ୍ଠ ସଦସ୍ୟ ଭୃଗୁ ବକ୍ସିପାତ୍ର, ମଞ୍ଚେଶ୍ୱର ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରସନ୍ନ ରଥ ପ୍ରମୁଖ ଯୋଗଦେଇ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଶାଖାର ଉପ-ସଭାପତି ସୁବ୍ରତ ମହାପାତ୍ର, ସମ୍ପାଦିକା ବାସନ୍ତି ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ଦିପ୍ତିମୟୀ ନାୟକ, ଗୋପୀ ମୋହନ ପଟ୍ଟନାୟକ, ଅକ୍ଷୟ କୁମାର ଜେଠୀ ଓ ରାମଚନ୍ଦ୍ର ସାମଲ ଆଦି ବହୁ ସଦସ୍ୟ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ।

ମାନବ ଜାତି ତିଷ୍ଠି ରହିବାକୁ ହେଲେ ବିଶ୍ୱଶାନ୍ତି ଅପରିହାର୍ଯ୍ୟ

ଭୁବନେଶ୍ୱର (ପିଏନ୍): ୟୁନିଟ-୪ ସ୍ଥିତ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ମାଷ୍ଟର କ୍ୟାଂଟିନ ଛକ ଏବଂ ରାଜମହଲ ଛକଠାରେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ବିଶ୍ୱବ୍ୟାପୀ ବ୍ୟାନର ପ୍ରଦର୍ଶନୀ କରାଯାଇଛି। ଯେଉଁଥିରେ ଏ ଶାନ୍ତିବାର୍ତ୍ତା ଦିଆଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ନହେଉ ଅଥବା ବନ୍ଦ କରାଯାଉ। ସାମ୍ବାଦିକମାନଙ୍କୁ ସୂଚନା ଦେଇ ଅହମଦୀୟା ମୁସଲିମ ଜମାତ ଭୁବନେଶ୍ୱରର ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ କହିଲେ; ବର୍ତ୍ତମାନ ୟୁକ୍ରେନ ଓ ରୁଷ ମଧ୍ୟରେ ଯେଉଁ ଭୟାବହ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ଆଶଙ୍କା କରାଯାଉଛି ଯେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବ। ତୃତୀୟ ବିଶ୍ୱଯୁଦ୍ଧ ହୋଇଗଲେ ମାନବ ଜାତି ଭୟାବହ ଧ୍ୱଂସଲୀଳା ଦେଖିବ। ଇତିହାସ ସାକ୍ଷୀ ଏବଂ ଆମେ ବି ଜାଣିଛେ ବିଂଶ ଶତାବ୍ଦିରେ ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧ ହୋଇଥିଲା। ସେଥିରୁ ଶିକ୍ଷା ହାସଲ କରିବା ଉଚିତ। ଏ ସଂପର୍କରେ

ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ ଅଗ୍ରାଧିକାର ଦିଅନ୍ତୁ। ମୌଲାନା ଫଜଲ ହକ ଖାଁ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଲେ; ଯଦି ବିଶ୍ୱବାସୀ ବିଶ୍ୱଶାନ୍ତି ଚାହୁଁଛନ୍ତି ତେବେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟଙ୍କ ଏହି ୧୦ଗୋଟି ନୀତିବାଣୀକୁ ପାଳନ କରିବା ଉଚିତ। ୧. ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ । ୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ। ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦିଅନ୍ତୁ। ୪. ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ। ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ। ୬. ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ। ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ। ୮. ଚରମପନ୍ଥୀ ଦଳର ପ୍ରତିବାଦ କରନ୍ତୁ। ୯. ମାନବ ଜାତିର ସେବା କରନ୍ତୁ। ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ। ଏହିଭଳି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର କାର୍ଯ୍ୟକ୍ରମ ମଧ୍ୟ ସକାଳ ୯:୦୦ରୁ ୧୧:୦୦ କଳ୍ପନା ଛକ ଏବଂ ସଂଧ୍ୟା ୪:୦୦ରୁ ୫:୦୦ ପର୍ଯ୍ୟନ୍ତ ରାମମନ୍ଦିର ଛକଠାରେ ଅନୁଷ୍ଠିତ ହୋଇଥିଲା ବୋଲି ଭୁବନେଶ୍ୱର ଅହମଦୀୟା ଯୁବ ସଂଗଠନର ସଭାପତି ସମିର ଅହମଦ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୌଲାନା ନବିଦୁଲ ଫତାହ, ମୌଲାନା ଅଲିମ ଖାଁ, ମୌଲାନା ଅଜୁଲ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟ ଏଲିମେଣ୍ଟାରୀ ଟି.ଜି. ଶିକ୍ଷକ ସଂଘର ଗ୍ରୀଷ୍ମବକାଶ ବାତିଲକୁ ବିରୋଧ

ବାଲେଶ୍ୱର (ପିଏନ୍)- ନିଖିଳ ଉତ୍କଳ ଏଲିମେଣ୍ଟାରୀ ଟି.ଜି ଶିକ୍ଷକ ସଂଘର ଏକ ଜରୁରୀ ଆଭାସୀ ବୈଠକ ସଂଘର ସଭାପତି ଲକ୍ଷ୍ମଣ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସଂପାଦକ ମୂରଲୀଧର ନାୟକ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ରାଙ୍କ ନଂ ୭୭୯୧ ତା୧୬.୪. ୨୦୨୨ରିଖରେ ଦର୍ଶାଯାଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଗ୍ରୀଷ୍ମବକାଶକୁ ବାତିଲ କରିବା ଦ୍ୱାରା ଲକ୍ଷ ଲକ୍ଷ ଶିଶୁମାନଙ୍କ ସହ ସରକାର ମାନସିକ ଭାରାକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ ଉଠିଥିଲା। ପାଠ୍ୟଦାନ ଓ ପାଠ୍ୟଗ୍ରହଣ ଏକ ମାନସିକ ପ୍ରକ୍ରିୟା, କୋଭିଡ୍ ୧୯ର କରାଳଛାୟା ସମଗ୍ର ବିଶ୍ୱ ପାଇଁ ଆତଙ୍କ ଥିଲା। ଏହି ଆତଙ୍କ ମଧ୍ୟରେ ସମସ୍ତ ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ଭୟର ବାତାବରଣ ମଧ୍ୟରେ ଥିଲେ। ମହାମାରୀ କରୋନା ସମୟରେ ପାଠ୍ୟଦାନକୁ ଶତ ପ୍ରତିଶତ ପରିପୁଷ୍ଟ କରିବାକୁ ମହାମାରୀ ଅଂଶୁଘାତ ସମୟ ହିଁ ପ୍ରକୃଷ୍ଟ ସମୟ ବୋଲି ସରକାର ବିବେଚନା କରିଛନ୍ତି। ସରକାର ଭାବୁଛନ୍ତି ଗାଁର ସ୍କୁଲକୁ ଗାଁର ପିଲାମାନେ ଯିବେ, ମଧ୍ୟାହ୍ନ ଭୋଜନ ଖାଇବେ, ତୃତୀୟ ପକ୍ଷ ଦ୍ୱାରା ବ୍ରିଜ୍ କୋର୍ସରେ ୨ ବର୍ଷର ପାଠକୁ ୮୧ ଘଣ୍ଟାରେ ସମାପ୍ତ କରିବେ, କିନ୍ତୁ ଓଡ଼ିଶାର ଅନେକ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠିକୁ ସ୍କୁଲ ୨ରୁ ୩ କିମି ଦୂର ଓ ପିଲାମାନେ ଚାଲି ଚାଲି ଯା ଆସ କରନ୍ତି, ସେଠାକାର ଅବସ୍ଥା କଣ ହେବ ବୋଲି ସଂଘ ପ୍ରଶ୍ନ ଉଠାଉଛି। ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଦାୟୀ କିଏ ରହିବ? କୋଭିଡ୍ ସମୟରେ ୨ ବର୍ଷ ଧରି ଘରେ ବାନ୍ଧି ହୋଇ ରହିଥିବା ପିଲାଟି ଗ୍ରୀଷ୍ମବକାଶରେ ମଧ୍ୟ ବୁଲିବାକୁ ଯାଇପାରିବ ନାହିଁ। କୋଭିଡ୍ ଯୋଦ୍ଧା ନ ହୋଇ ମଧ୍ୟ ଅସ୍ଥାୟୀ କୋଭିଡ୍ ହସ୍ପିଟାଲର ଦାୟିତ୍ୱ, ଟ୍ରେନ ଓ ବସରେ ପ୍ରବାସୀ ଓଡ଼ିଆଙ୍କୁ କୋଭିଡ୍ ସେଣ୍ଟରକୁ ନେବା ସହ ସେମାନଙ୍କ ଯତ୍ନ ନେବା, ଟୀକାଦାନ ବେଳର ଦାୟିତ୍ୱ, ଛାତ୍ରଛାତ୍ରୀଙ୍କ ଘରକୁ ଯାଇ ପୁସ୍ତକ, ପୋଷାକ, ଚାଉଳ, ଟଙ୍କା, ବଣ୍ଟନ, ୨ଟି ବାତ୍ୟା ସହାୟତା କାର୍ଯ୍ୟ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ, ପୌରାଞ୍ଚଳ ନିର୍ବାଚନ, ଉପନିର୍ବାଚନର କାର୍ଯ୍ୟ, ଗାଁକୁ ଯାଇ ନାସ ଏଫଏଲଏନ ପାଠ୍ୟଦାନ ଶିକ୍ଷକ ଶିକ୍ଷୟତ୍ରୀମାନେ ନିର୍ବାହ କରିଛନ୍ତି। ହେଡକ୍ୱାଟର ନ ଛାଡ଼ିବାକୁ ସରକାରଙ୍କ କଡ଼ା ନିର୍ଦ୍ଦେଶ ଥିଲା, ଯେଉଁମାନେ କାର୍ଯ୍ୟରେ ସାମାନ୍ୟ ଅବହେଳା କରିଛନ୍ତି ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇଛି। ଗ୍ରୀଷ୍ମବକାଶକୁ ବାତିଲ କରି ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଚାପ ବୃଦ୍ଧି କରାଯାଉଛି। ତଥାପି ସହନଶିଳତାର ପ୍ରତିକ ସମାଜ ର ଆଗଧାଡ଼ିର ମଣିଷ ଶିକ୍ଷକ ସମାଜ, ଅଂଶୁଘାତକୁ ଭୁକ୍ଷେପନ କରି ଏହି ବ୍ରିଜ କୋର୍ସକୁ କାର୍ଯ୍ୟରେ ପରିଣତ କରିବାକୁ ପ୍ରସ୍ତୁତ। ଛାତ୍ରଛାତ୍ରୀଙ୍କର ମାନସିକ ସନ୍ତୁଳନ, ସ୍ୱାସ୍ଥ୍ୟଗତ୍ୟ ସମସ୍ୟା ସରକାର ଗୁରୁତ୍ୱ ଦେବା ସହ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ସମ ପରିମାଣର ଅର୍ଜିତ ଛୁଟି ପିଲାଙ୍କ ଯାତାୟାତ ବ୍ୟବସ୍ଥା, ବିଦ୍ୟାଳୟରେ ଡାକ୍ତର ଓ ନର୍ସଙ୍କ ବ୍ୟବସ୍ଥା ଆଶୁ ଚିକିତ୍ସାର ବ୍ୟବସ୍ଥା କରାନ୍ତୁ ବୋଲି ସଂପାଦକ ସନ୍ତୋଶ କୁମାର ମିଶ୍ର, ଜର୍ନାଲ ସଂପାଦକ ସତ୍ୟବ୍ରତ ରାଉତ, ହେମନ୍ତ କୁମାର ପଣ୍ଡା, ଜାକୀର ହୁସେନ, ନିରଞ୍ଜନ ପଣ୍ଡା, ଭଜମନ ଦେହୁରୀ, ଅଜିତ କୁମାର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ସଂପାଦକ ସୁବାସ ଦାସ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା

କେନ୍ଦ୍ରାପଡା (ପିଏନ୍): ଡକ୍ଟର ଆମ୍ବେଦକର ବିଚାର ମଞ୍ଚ, କେନ୍ଦ୍ରାପଡା ପକ୍ଷରୁ ସମ୍ବିଧାନ ପ୍ରଣେତା ତଥା ଭାରତବର୍ଷର ପ୍ରଥମ ଆଇନମନ୍ତ୍ରୀ ପୁଣ୍ୟାତ୍ମା ବାବା ସାହେବ ଡଃ. ଭୀମରାଓ ଆମ୍ବେଦକରଙ୍କ ୧୩୧ତମ ଜନ୍ମ ଜୟନ୍ତୀ ବିଚାର ମଞ୍ଚର ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡାଙ୍କ ପୌରହିତ୍ୟରେ କେନ୍ଦ୍ରାପଡା ସହରର ପୁରୁଣା ବସଷ୍ଟାଣ୍ଡଠାରେ ପାଳିତ ହୋଇଯାଇଛି । ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତୀରେ ମଧ୍ୟ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ଏହି ପୁଣ୍ୟପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ସଭାପତିତ୍ୱ କରି ଅଧ୍ୟକ୍ଷ ନନ୍ଦକିଶୋର ପରିଡା ସମ୍ବିଧାନର ଭାବ ଓ ଭାଷାର ଯଥାର୍ଥ ଅନୁପାଳନ କରିପାରିଲେ ଡଃ. ଅମ୍ବେଦକରଙ୍କ ଉଦ୍ଦେଶ୍ୟ ସାଧିତ ହେବ ବୋଲି ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକାରୀ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଆମ୍ବେଦକରଙ୍କୁ ସମ୍ବିଧାନର ମୁଖ୍ୟ ସ୍ଥପତି ଅଭିହିତ କରିବାର ଯଥାର୍ଥତା ଉପରେ ଆଲୋକପାତ କରି ସେ କିପରି ଏକାକୀ ଚିଠା କମିଟିର ଗୁରୁଦାୟିତ୍ୱ ବହନ କରିଥିଲେ ଓ ସମ୍ବିଧାନ ପ୍ରଣୟନ ସଭାରେ ଦୃଢତା, ଦକ୍ଷତା ଓ ବୁଦ୍ଧିମତାର ସହ ଚିଠା ବିଲ୍ ପରିଚାଳନା କରିଥିଲେ ତା' ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରି ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଆଇନଜୀବି ଧିରେନ ସାହୁ, ଡଃ. ବାସୁଦେବ ଦାସ, ଓକିଲ ସଂଘ ସଭାପତି ଧ୍ରୁବଚରଣ ଜେନା, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଆଇନଜୀବି ସରୋଜରାଜ ସିଂ, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ସିପିଆଇ ନେତା ରମଣୀ ରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ପ୍ରଫେସର ଅଜୟ ସାମଲ, କଂଗ୍ରେସ ନେତା ଗୋପାଳ କୃଷ୍ଣ ଜେନା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ମଞ୍ଚର ସାଧାରଣ ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମିର୍ ମୁରସିଦ୍, ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପୂର୍ବତନ ସରପଞ୍ଚ ନାରାୟଣ ଚନ୍ଦ୍ର ପରିଡା, କାଉନସିଲର ତୁଳସୀ ହେମ୍ବ୍ରମ୍ ପ୍ରମୁଖ ସମ୍ବିଧାନର ସୁରକ୍ଷା ଦେଶର ସୁରକ୍ଷା ମର୍ମରେ ଅଭିଭାଷଣ ରଖିଥିଲେ । ସାମ୍ବାଦିକ ଆଶିଷ ସେନାପତି, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ କାଉନସିଲର ପ୍ରଫୁଲ୍ଲ ସାହୁ, ମହିଳା କଂଗ୍ରେସ ସଭାପତି ପରଓ୍ୱିନ୍ ଯସ୍ମିନ୍, ଜଗତ ଜୀବନ ଦାସ, କାଉନସିଲର ରମେଶ ଚନ୍ଦ୍ର ଦାସ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀ ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ଜାତମୁଣ୍ଡିଆଠାରେ ମା' ପୋଟଲେଇଙ୍କ ଝାମୁ ଯାତ୍ରା

ବାଙ୍କୀ (ପିଏନ୍-ପବିତ୍ର ଚୈତ୍ର ପୂର୍ଣ୍ଣିମା ଅବସରରେ ବାଙ୍କୀ ଡମପଡ଼ା ଅଞ୍ଚଳର ବହୁ ପ୍ରାଚୀନ କାଳଠାରୁ ଜାତମୁଣ୍ଡିଆ ସ୍ଥିତ ମା'ପୋଟଲେଇଙ୍କ ପୀଠରେ ବହୁବର୍ଷ ଧରି ବହୁ ମାନସିକ ଧାରି କାଳେସୀ ଝାମୁଆମାନେ ଏହି ଦିନରେ ମା' ପୋଟଲେଇଙ୍କ ଆଳତୀ, ସ୍ୱତନ୍ତ୍ର ମାଜଣାରେ ମା' ସୁସଜ୍ଜିତ ହେଲା ପରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ସକାଳୁ ମା'ଙ୍କ ଦର୍ଶନ ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଦୀର୍ଘ ଦୁଇ ବର୍ଷ କରୋନା କଟକଣା ପରେ ଏହି ପର୍ବରେ ବହୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିବା ବେଳେ ସକାଳୁ ଝାମୁଆଙ୍କ ସହଯୋଗୀମାନେ ପହିଖୋଳି ସେଥିରେ କୋଇଲା

ବିନା ଅନୁମତି ପତ୍ରରେ ଡିଜେଲ,ମୋବିଲ ବିକ୍ରୀ, ପେଟ୍ରୋଲ ପମ୍ପରେ ମିଳୁନି କମ୍ପାନୀ ଘୋଷଣା ସୁବିଧା

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ୩୨ ଟି ଡିଜେଲ ପମ୍ପ ବିନା ଅନୁମତି ପତ୍ରରେ ମୋବିଲ ଓ ଡିଜେଲ କିଣାବିକା ଚାଲିଥିବା ଅଭିଯୋଗ ହୋଇଛି । ସେହିପରି ବିନା ଅନୁମତିରେ ଜିଲ୍ଲାରେ କୋଟି କୋଟି ଟଙ୍କାର ମୋବିଲ ବିକ୍ରୀ ହେଉଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି । ଉପଯୁକ୍ତ ତଦାରଖ ଅଭାବରୁ ଏଭଳି ଅନିୟମିତତା ଦେଖାଦେଇଥିବାବେଳେ ଜିଲ୍ଲା ବେସାମରିକ ଯୋଗାଣ ବିଭାଗ ଜିଲ୍ଲାପାଳଙ୍କୁ ଅନ୍ଧାରରେ ରଖି ସଂପୃକ୍ତ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ଗୁରୁତର ଅଭିଯୋଗ ହୋଇଛି । ବେସାମରିକ ଯୋଗାଣ ବିଭାଗର ଅଧିକାରୀମାନେ ନିୟମିତ ଗସ୍ତ କରି ଡିଜେଲ ପମ୍ପ ମାଲିକ ଦେଇଥିବା ସତ୍ୟପାଠ ସତ୍ୟତା ଯାଂଚ କରୁନାହାଁନ୍ତି କିମ୍ବା ବିନା ଅନୁମତିରେ ଚାଲୁଥିବା ମୋବିଲ ଦୋକାନ ଏବଂ ଡିଜେଲ ପମ୍ପ ଗୁଡିକୁ ଚଢଉ କରୁନଥିବାରୁ ଏଭଳି ବେଆଇନ କାମ ବଢୁଛି । ନିୟମ ଅନୁଯାୟୀ ପ୍ରତ୍ୟେକ ତେଲ ପମ୍ପରେ କମ୍ପାନୀ ନିୟମ ଅନୁଯାୟୀ ଗ୍ରାହକଙ୍କ ସୁବିଧା ପାଇଁ ପାନୀୟ ଜଳ ବ୍ୟବସ୍ଥା,ଶୌଚାଳୟ,ପ୍ରେସର ପମ୍ପ,ଅଭିଯୋଗ ବାକ୍ସ,ଫାଷ୍ଟଏଡ୍ ବାକ୍ସ ଆଦି ସୁବିଧା ରହିବା କଥା । କିନ୍ତୁ ଅଧିକାଂଶ ପମ୍ପରେ ଏହି ସୁବିଧା ମିଳୁନାହିଁ । ଫଳରେ ଉପଭୋକ୍ତା ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଅଭିଯୋଗ କଲେ ପମ୍ପ ମାଲିକ କିମ୍ବା ବେସାମରିକ ଯୋଗାଣ ବିଭାଗ ଅଣଦେଖା କରୁଛି । ତେଲ ପମ୍ପ ମାଲିକମାନେ କେତେକ ପ୍ରଶାସନିକ ଅଧିକାରୀଙ୍କୁ ହାତ କରି ନିଜର ଫାଇଦା ହାତେଇବାରେ ଲାଗିଥିବାବେଳେ ଉପଭୋକ୍ତାଙ୍କୁ ସୁବିଧା ଦେବାରେ ଅବହେଳା କରୁଛନ୍ତି । ତୈଳ କମ୍ପାନୀ ପକ୍ଷରୁ ପମ୍ପ ମାଲିକମାନଙ୍କୁ ପେଟ୍ରୋଲ ପିଛା ୩ଟଙ୍କା ୨୦ ଏବଂ ଡିଜେଲ ଲିଟର ପିଛା ୨ଟଙ୍କା ୨୦ପଇସା କମିଶନ ପାଉଥିଲେ ହେଁ ଗ୍ରାହକଙ୍କୁ ସୁବିଧା ଦେଉନଥିବା ଅଭିଯୋଗ ହୋଇଛି । ସେହିପରି ବହୁ ମୋବିଲ ଦୋକାନ ନିୟମ ଅନୁଯାୟୀ ପ୍ରଶାସନଠାରୁ ବିକ୍ରୀ ଲାଇସେନ୍ସ ନ ନେଇ ବିଭିନ୍ନ ସ୍ଥାନରେ ଖୋଲାଖୋଲି ବ୍ୟବସାୟ କରୁଥିଲେ ହେଁ ଧରପଗଡ ହେଉନାହିଁ । ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ହେଉଛି । ସେହିପରି ଏହାର ସୁଯୋଗ ନେଇ ଅପମିଶ୍ରିତ ଓ ନକଲି ମୋବିଲ କାରବାର ବୃଦ୍ଧି ପାଉଛି । ବିକ୍ରୀ ଲାଇସେନ୍ସ ନବୀକରଣ ପାଇଁ ବେସାମରିକ ଯୋଗାଣ ବିଭାଗ ପକ୍ଷରୁ ସରଜମିନ ତଦନ୍ତ କରି ଜିଲ୍ଲାପାଳଙ୍କ ପାଖକୁ ରିପୋର୍ଟ ଦେବା କଥା । କିନ୍ତୁ ତା' ନକରି ପମ୍ପ ମାଲିକମାନଙ୍କ ଠାରୁ ସବୁ ଠିକଠାକ ଅଛି ବୋଲି ଲେଖାଥିବା ସତ୍ୟପାଠ ଆଣି ଜିଲ୍ଲାପାଳଙ୍କ ପାଖକୁ ନବୀକରଣ ପାଇଁ ଫାଇଲ ପଠାଯାଇଛି । ଯାହାକି ଜିଲ୍ଲାପାଳଙ୍କ ସ୍ତରରେ ଦୃଢ କାର୍ଯ୍ୟନୁଷ୍ଠାନ ନେବାକୁ ଦାବୀ ହୋଇଛି । ଚଳିତ ବର୍ଷ ୩୨ଟି ପମ୍ପର ବିକ୍ରୀ ଅନୁମତି ନବୀକରଣ ପାଇଁ ଆବେଦନ ହୋଇଥିବାବେଳ ସତ୍ୟପାଠ ଯାଂଚ ପରେ ଏନଓସି ଦେବାକୁ ଦାବୀ ହୋଇଛି । ବାଂଶପାଳ ବ୍ଲକ ଇଚିଣ୍ଡାରେ ଆଇଓସିଏଲ କମ୍ପାନୀର ଦେବକୀ କିଶାନ ସେବା କେନ୍ଦ୍ର ବିନା ଅନୁମତି ପତ୍ରରେ କେତେକ କମ୍ପାନୀକୁ ଡିଜେଲ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି । ବୈଧ ମାପ ଓ ଓଜନ ବିଭାଗ ଏବଂ ବେସାମରିକ ଯୋଗଣ ବିଭାଗକୁ ନେଇ ମିଳିତ ଭାବେ ସ୍କାର୍ଡ ଗଠନ କରି ଜିଲ୍ଲାରେ ଥିବା ପମ୍ପରେ ଯାଂଚ କରିବା କଥା ମାତ୍ର ଏହି ସ୍କାର୍ଡ ଗଠନ ହୋଇନଥିବାରୁ ଗ୍ରାହକ ଠକାମିର ଶୀକାର ହେବା ସହ ଗ୍ରାହକଙ୍କୁ ମିଳୁଥିବା ସୁବିଧା ସୁଯୋଗ ପାଉନାହାଁନ୍ତି ।

ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କେନ୍ଦ୍ରାପଡା ଜିଲ୍ଲାରେ ୧୧୪୩ ପରୀକ୍ଷାର୍ଥୀ ଅନୁପସ୍ଥିତ

କେନ୍ଦ୍ରାପଡା,(ପି.ଏନ): ଚଳିତମାସ ୭ ତାରିଖରେ ଶେଷ ହୋଇଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକରେ ସମୁଦାୟ ୨୦୬୬୪ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୯୫୨୧ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୧୪୩ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଆଳି ବ୍ଲକରେ ୯୩, ଡେରାବିଶ ବ୍ଲକରେ ୫୪, ଗରଦପୁର ବ୍ଲକରେ ୨୧, କେନ୍ଦ୍ରାପଡା ବ୍ଲକରେ ୧୪୦, ମାର୍ଶାଘାଇ ବ୍ଲକରେ ୫୬, ମହାକାଳପଡା ବ୍ଲକରେ ୨୧୬, ପଟାମୁଣ୍ଡାଇ ବ୍ଲକରେ ୧୮୧, ରାଜକନିକା ବ୍ଲକରେ ୧୨୮ ଓ ରାଜନଗର ବ୍ଲକରେ ୨୫୪ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଯେଉଁ ଯେଉଁ ସ୍କୁଲରେ ପରୀକ୍ଷାର୍ଥୀମାନେ ଅନୁପସ୍ଥିତ ଥିଲେ ଏହି ଅନୁପସ୍ଥିତି ସମ୍ପର୍କରେ ସମ୍ପୃକ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ଆସନ୍ତା ୨୦ ତାରିଖ ସୁଦ୍ଧା ସବିଶେଷ ବିବରଣୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ମଗାଯାଇଥିବା ଜଣାପଡିଛି । ସୂଚନଯୋଗ୍ୟ ଯେ ଏହି ଜିଲ୍ଲାରେ ୩୫୪ ହାଇସ୍କୁଲରେ ୧୦୭ ପରୀକ୍ଷା କେନ୍ଦ୍ର ହୋଇଥିଲା ।

ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରଥମ ରଜ ମହୋତ୍ସବ ୨୦୨୨ ଉପଲକ୍ଷେ ପ୍ରସ୍ତୁତି ବୈଠକ

ବାଲିଅନ୍ତା,(ପି.ଏନ) : ଓଡିଶାର କଳା ସଂସ୍କୃତି ପରମ୍ପରା ଗଣ ପର୍ବ ରଜକୁ ଜନମାନସରେ ଉଜ୍ଜିବିତ ରଖିବା ଲକ୍ଷ୍ୟ ନେଇ ଗ୍ରୀନ୍ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଂଚାୟତ ନାଗପୁର (ସାଗୁଆ) ଗ୍ରାମର ମା ଉପଲେଇ ଠାକୁରାଣୀଙ୍କ ମନ୍ଦିର ପରିସରରେ ରବିବାର ଅପରାହ୍ନାରେ ଅଂଚଳର ଜନସାଧାରଣଙ୍କୁ ନେଇ ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷାବିତ୍ ବିଧୂଭୁଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରଜ ମହୋତ୍ସବ ୨୦୨୨ ପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରଜ ମହୋତ୍ସବ ପାଳନ କରିବାର ତାତ୍ପର୍ଯ୍ୟ, ପୋଡ ପିଠାର ମହାକ, ଚାଷୀଭାଇର ମାଟି ମା ସହିତ ସମ୍ପର୍କ, କୁମାରୀମାନଙ୍କ ସଜବାଜ, ରଜ ଦୋଳୀ ଗୀତ ଓ ଭାଇ ଚାରା କିପରି ବୃଦ୍ଧି ହେବ ସହିତ ସମାଜରେ ତାର ପିଢି ଠାରୁ ପିଢି ମନେରଖିବେ ଏ ନେଇ ବକ୍ତାମାନେ ସେମାନଙ୍କର ମତବ୍ୟକ୍ତ କରିଥିଲେ । ଏଥିରେ ମହିଳାମାନଙ୍କ ଭିତରେ ଝୋଟି ଚିତା,

କୁମାରୀମାନଙ୍କ ମଧ୍ୟରେ ନାଚ ଗୀତ, ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ଭିନ୍ନଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ଏବଂ ପଂଚାୟତ ସ୍ତରରେ ରଜ କୁଇନ୍ ଓ ରଜ ବୋହୂ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରୁପାର ମୁକୁଟ ସହିତ ୧୦ ହଜାର ଟଙ୍କା ଓ ୫ ହଜାର ଟଙ୍କା ଯଥାକ୍ରମେ ଅର୍ଥ ରାଶି ପ୍ରଦାନ କରାଯିବା ନେଇ ସମିତି ସଭ୍ୟ ତଥା ଅନୁଷ୍ଠାନର ଉପଦେଷ୍ଟା ରଂଜନ କୁମାର ମହାପାତ୍ର ଘୋଷଣା କରିଥିଲେ । ରଜ ମହୋତ୍ସବରେ ଅଂଚଳବାସୀ ଅକୁଣ୍ଠ ଚିତରେ ପୂର୍ଣ୍ଣ ସହଯୋଗ ପାଇଁ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟୀ ତଥା ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରପଂଚ ରମାଲତା ନାୟକ, ଆଦର୍ଶ ଶିକ୍ଷକ ନାରାୟଣ ବେହେରା, ସମାଜସେବୀ ସ୍ମୃତି ରଂଜନ ମହାନ୍ତି, ହରେକୃଷ୍ଣ ମହାରଣା, ସୋମନାଥ ଖଟେଇ, ଭାରତୀ ଖଟୁଆ, ଧ୍ରୁବ ସୁନ୍ଦର ରାଉତ, ଅଭିମନ୍ୟୁ ଭୋଇ, ତପନ ଭୋଇ, ସମ୍ବାଦିକ ନବ କିଶୋର ନାୟକ, ସମ୍ବାଦିକ ବଟକୃଷ୍ଣ ମହାପାତ୍ର, ଗୋଲେଖ ବେହେରା, ବିଜୟ କୁମାର ନାୟକ ଉପସ୍ଥିତ ଥିଲାବେଳେ ଟ୍ରଷ୍ଟି ସୁବାଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଖୁଣ୍ଟାପଡା ଠାରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପରାୟଣ

ଗୋଳାବନ୍ଧ,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ପଇଦାପାଟଣା ପଂଚାୟତ ଖୁଣ୍ଟାପଡା ଠାରେ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀରେ ଗୀତାଯଜ୍ଞ ଓ ଶ୍ରୀମଦ୍ ଭାଗବତ ପରାୟଣ କାର୍ଯ୍ୟକ୍ରମ ଚାଲୁ ରହିଛି । ଏହି କାର୍ଯ୍ୟକ୍ରମ ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୦ ତାରିଖରେ ଉଦ୍‌ଯାପନୀ କରାଯିବ । ଭବ୍ୟ କଳସ ଯାତ୍ରା ସହିତ ଭାଗବତ ପରାୟଣ, ନାମ ସଂକୀର୍ତ୍ତନ, ହୋମ, ଯଜ୍ଞ, ପୂଜାପାଠ ଲାଗି ରହିଥିବା ବେଳେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲୁ ରହିଛି । ଶହ ଶହ ଭାଗବତ ପ୍ରେମୀ ଶ୍ରଦ୍ଧାଳୁ ଭକ୍ତମାନେ ଠାକୁରଙ୍କ ଅମୃତ ବାଣୀକୁ ଶ୍ରବଣ କରୁଛନ୍ତି । ହରିବୋଲ, ହୁଳହୁଳି, ଘଣ୍ଟା, ଘଣ୍ଟ ଶବ୍ଦରେ ପରିବେଶ ଭକ୍ତି ଭାବମୟ ହୋଇ ଉଠୁଛି । ଆଜିର ଷଷ୍ଠ ଦିନରେ ଠାକୁରଙ୍କ ବଣଭୋଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ନୃସିଂହ ନାରାୟଣ ସତ୍‌ସଂଘର ସଭ୍ୟମାନେ ଭଜନ କୀର୍ତ୍ତନ କରିଥିଲେ

। ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତା ଜୟଦେବ ପଣ୍ଡା ସବୁ ଦାୟୀତ୍ୱ ତୁଲାଉଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଭାଗବତ ନାଏକ, ବଳଭଦ୍ର ନାୟକ, ପ୍ରମୋଦ ନାଏକ, ଭୀଷ୍ମସେନ୍ ନାଏକ,ସୁକାନ୍ତୀ ନାଏକ, ଭଗବାନ ସିଂ, ବସନ୍ତ ନାଏକ, ଜଗତା ନାଏକ, ପ୍ରଦୀପ କୁମାର ଷଡଙ୍ଗୀଙ୍କ ସହ ଖୁଣ୍ଟାପଡା ବ୍ରାହ୍ମଣ ସମାଜର ବରିଷ୍ଠ ବ୍ୟକ୍ତିମାନେ । ଆସନ୍ତା ୧୦ ତାରିଖରେ ଏହାର ଉଦ୍‌ଯାପନୀ କରାଯିବା ସ୍ଥିରିକୃତ ହୋଇଛି ।

ଚାଷୀ ଓ ଏଆରଏସ୍‌ଏସ୍ କମ୍ପାନୀ କର୍ମଚାରୀ ମୁହାଁମୁହିଁ ଘଟଣା, ଥାନାରେ ରୁଜୁ ହେଲା ଦୁଇଟି ମାମଲା

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ବ୍ଲକ ତରତରା ପଂଚାୟତ ମାଠିଆ ନେଣ୍ଡି ଗ୍ରାମର ଚାଷୀ ଓ କେନାଲ ନିର୍ମାଣକାରୀ ଏଆରଏସ୍‌ଏସ୍ ଠିକା ସଂସ୍ଥାର କର୍ମଚାରୀ ମୁହାଁମୁହିଁ ହେବା ପରିସ୍ଥିତିକୁ ନେଇ ଥାନାରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଛି । ଏଆରଏସ୍‌ଏସ୍ ଠିକା ସଂସ୍ଥାର ଯନ୍ତ୍ରୀ ଅବଦୁର ରହିମ୍ ଆମରୁଲ୍ ହକ୍‌ଙ୍କ ଅଭିଯୋଗ ଆଧାରରେ ଆନନ୍ଦପୁର ଥାନା ପକ୍ଷରୁ ୧୦୮/୦୫.୦୫.୨୦୨୨ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ ଚାଷୀ ମନୋରନ ଆଇଚ ୫ଟ୍ରିପ୍ ମାଟି ମାଗିବା ସହିତ ୧୦ ହଜାର ଟଙ୍କା ଦାଦା ବଟି ଦାବି କରିଥିଲେ । କମ୍ପାନୀ କର୍ମଚାରୀ ମନା କରିବାରୁ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି କର୍ମଚାରୀଙ୍କୁ ହତ୍ୟା ଧମକ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅନ୍ୟ ପକ୍ଷରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚଙ୍କ ଅଭିଯୋଗକୁ ଆଧାର କରି ଥାନା ପକ୍ଷରୁ ୧୧୦/୦୬.୦୫.୨୦୨୨ରେ ଏକ ପାଲଟା ଅଭିଯୋଗ ମଧ୍ୟ ହୋଇଛି । ଚାଷୀ ମନୋରନ ବାପାଙ୍କ ଅଭିଯୋଗ ଅନୁଯାୟୀ ଠିକା କମ୍ପାନୀ ଏଆରଏସ୍‌ଏସ୍ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ଦୂରଦୃଷ୍ଟି ଅଭାବ ସମ୍ପନ୍ନ କାର୍ଯ୍ୟକଳାପ ପାଇଁ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି । ଯାହାର ପ୍ରତିବାଦ କରିବାରୁ ମନୋରନକୁ ପାଲଟା ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଠିକା କମ୍ପାନୀ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ଚାଷୀ ମନୋରନଙ୍କୁ ଗିରଫ କରାଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି । ଅନ୍ୟପଟେ ଚାଷୀଙ୍କ ବାପା କରିଥିବା ଅଭିଯୋଗର ତଦନ୍ତ ଚାଲିଥିବା ପୋଲିସ ନିକଟରୁ ସୂଚନା ମିଳିଛି । ଏଭଳି ବିବାଦୀୟ ପରିସ୍ଥିତିରେ ଚାଷୀଙ୍କ ବାପା ଭରତ ଚନ୍ଦ୍ର ଆଇଚ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିବା ସହିତ କମ୍ପାନୀର ବେପରୁଆ ନିର୍ମାଣ କାର୍ଯ୍ୟ ପାଇଁ କ୍ଷତିଗ୍ରସ୍ତ ହେଉଛିବା ଚାଷ ଜମିର ରକ୍ଷଣା ବେକ୍ଷଣ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ବର୍ଷା ସମୟରେ ଚକ୍ରତୀର୍ଥ ନୀଳ, ବାହାଆ ନାଳ ଓ ପାହାଡରେ ଆସୁଥିବା ପାଣି ତିନିଗୋଟି ନୀଳରେ ପାଣି ପ୍ରବାହିତ ହେଉଥିଲା । ଠିକା କମ୍ପାନୀ ନିର୍ମାଣକୁ ନେଇ ବର୍ତ୍ତମାନ ଏହି ତିନିଗୋଟି ନାଳର ପାଣି ଗୋଟିଏ ନାଳରେ ଯାତାୟତ କରୁଛି । ଯଦ୍ୱାରା ପାଣିର ତୀବ୍ରତା ବୃଦ୍ଧି ପାଉଥିବା ବେଳେ ଚାଷ ଜମି ଗୁଡିକ ପ୍ରଭାବିତ ହେଉଛି । ଚାଷ କାର୍ଯ୍ୟ କରିବା ଆଦୌ ସମ୍ଭବ ହେଉନାହିଁ । ଏହି ପ୍ରଭାବିତ ଚାଷ ଜମି ମଧ୍ୟରେ ମନୋରନଙ୍କ ୭ ଏକର ଜମି ପ୍ରଭାବିତ ହେଉଥିବାରୁ ଚାଷୀ ମନୋରନ କେନାଲ ନିର୍ମାଣକାରୀ ଠିକା ସଂସ୍ଥା କର୍ମଚାରୀଙ୍କୁ ସମ୍ପୃକ୍ତ ନାଳକୁ ମାଟି ପକାଇ ଅବରୋଧ କରିବାକୁ କହିଥିଲେ । ଯାହାକୁ ନେଇ ଏଭଳି ବିବାଦୀୟ ପରିସ୍ଥିତି ନଜରକୁ ଆସିଛି । ପ୍ରଶାସନିକ ସ୍ତରରେ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ନିରପେକ୍ଷ ତଦନ୍ତ ଦାବି କରାଯାଇଛି।

ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି

ବାରିପଦା,(ପି.ଏନ) ସ୍ଥାନୀୟ ଭୁଗୁଡାକଟା ଠାରେ ଆସନ୍ତା ୧୨ତାରିଖରେ ପ୍ରତିଷ୍ଠା ହେବ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର । ଏନେଇ ପ୍ରସ୍ତୁତି ବୈଠକ ବାରିପଦା ସ୍ଥିତ ମୟୁରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଭୁଗୁଡାକଟା ଠାରେ ନିର୍ମାଣ ହୋଇଥିବା ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଦିବସରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟ ବରିଷ୍ଠ ଅତିଥି ମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ତେବେ ଏହାର ସଫଳତାର ସହ ସୁଚାରୁ ରୂପେ କାର୍ଯ୍ୟକ୍ରମ ସମ୍ପାଦନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ବୈଠକରେ ମୟୂରଭଞ୍ଜର ମହାରାଜା ଶ୍ରୀଯୁକ୍ତ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ତଥା ମୟୂରଭଞ୍ଜ ବିଜେପିର ପ୍ରାଣ ପ୍ରତିଷ୍ଠାତା ଶ୍ରୀଯୁକ୍ତ ଜୀବନ ସାହୁ ମହୋଦୟ, ଭୁଗୁଡାକଟା ଟେଖୁଲ ଟ୍ୟାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ହାବଡା, ବାରିପଦା ଚେୟାରମ୍ୟାନ ପ୍ରାର୍ଥୀ କବି ବିଷ୍ଣୁ ଶତପଥି, ସୁମନ ସିଂ ଓ ଶୋଭାବତୀ ହୋତା ପ୍ରମୁଖ ମଂଚାସୀନ ହୋଇଥିଲେ ଏହା ସହିତ ଦିବ୍ୟରଞ୍ଜନ ବିଶ୍ୱାଳ, ଆଲୋକ କୁମାର ପଣ୍ଡା, ଜିତେନ୍ଦ୍ର ନାୟକ, ଦୀପକ ମଲ୍ଲିକ, ଆଶୁତୋଷ ଦାସଙ୍କ ସମେତ ଏହି ବୈଠକରେ ବାରିପଦାର ବିଭିନ୍ନ ୱାର୍ଡରୁ ଅନେକ ରାମ ଭକ୍ତ ଯୋଗଦାନ କରିଥିଲେ ।

ଦଳିତ ମହିଳାଙ୍କୁ ଅସଦାଚରଣ , ଥାନାରେ ମାମଲା, ବିଭିନ୍ନ ମାମଲାରେ ଜଡିତ ଜିଆରଏସ୍‌ଙ୍କ ପ୍ରତି ପୋଲିସର ଅନୁକମ୍ପା

କେନ୍ଦୁଝର,(ପି.ଏନ): ପାଟଣା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ପାଟନାଳୀ ସାହିର ଜଣେ ମହିଳା ଙ୍କୁ ସ୍ଥାନୀୟ ଜଣେ ଜିଆରଏସ ଅସଦାଚରଣ କରିଥିବା ନେଇ ପାଟଣା ଥାନାରେ ମାମଲା ରୁଜୁ ହୋଇଛି । ଘଟଣା ଟି ୨ ବର୍ଷ ତଳେ ଅଭିଯୋଗକାରୀ ଚିନ୍ମୟୀ ସେଠୀ ଙ୍କ ସ୍ୱାମୀ ସତ୍ୟବାଦୀ ସେଠୀ ଜିଆରଏସ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସୁଆମ ସ୍ଥିତ ଘରେ କାମ କରୁଥିଲେ । ତାଙ୍କର ପ୍ରାପ୍ୟ ମାଗିବାରୁ ଆଜି ଦେବି କାଲି ଦେବି ବୋଲି କହି ଦିନ ଗଡାଇ ଆସୁଥିଲେ । ଏପରିକି ନିର୍ବାଚନ ସରିଲେ ପ୍ରାପ୍ୟ ଟଙ୍କା ଦେବେ ବୋଲି କହିଥିଲେ । ତେବେ ତାଙ୍କ ସ୍ୱାମୀ ସତ୍ୟବାଦୀ ସେଠୀଙ୍କର ଦେହ ଖରାପ ଥିବାରୁ ଟଙ୍କା ମାଗିଥିଲେ । ସେ ଘରକୁ ଯାଇ ଟଙ୍କା ଦେବେ ବୋଲି କହିଥିଲେ । ଏ ନେଇ ଏପ୍ରିଲ ୨୯ ତାରିଖ ଦିନ ଜିଆରଏସ ରାତି ପ୍ରାୟ ୯ ଟାରେ ପିଡିତାଙ୍କ ଘରକୁ ଯାଇଥିଲେ । ଘରେ ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିରେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ । ଏହାର ପ୍ରତିବାଦ କରିବାରୁ ଜିଆରଏସ ଜଣକ ପୀଡିତାଙ୍କୁ ଟଣାଓଟରା କରିବା ସହ ଶାଢୀ ଚିରି ଦେଇଥିଲେ । ଆଉ ଥରେ ଟଙ୍କା ମାଗିଲେ ତାଙ୍କ ସ୍ୱାମୀଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ । ପାଟିତୁଣ୍ଡ ଶୁଣି ସାହିପଡିଶା ଲୋକ ଧାଇଁ ଆସିଥିଲେ । ଏ ନେଇ ୩୦ ତାରିଖ ଦିନ ପାଟଣା ଥାନାରେ ପୀଡିତା ଚିନ୍ମୟୀ ସେଠୀ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପାଟଣା ପଞ୍ଚାୟତର ଜିଆରଏସ୍ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ବିରୁଦ୍ଧରେ ୭୭/ ୩୦.୦୪.୨୦୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି । ଏ ନେଇ ଏହି ମାମଲାର ତଦନ୍ତ କରୁଥିବା ଘଟଗାଁ ଏସଡିପିଓ ଅସିତ ରନ ମହାନ୍ତିଙ୍କ ସହ ଯୋଗଯୋଗ କରିବାରୁ ଘଟଣାର ତଦନ୍ତ ଚାଲିଛି । ଆସାମୀଙ୍କୁ ଅଦ୍ୟାବଧି ଗିରଫ କରାଯାଇନାହିଁ । ତେବେ ଉକ୍ତ ଜିଆରଏସ୍ ପୂର୍ବରୁ ଅନ୍ୟ ଏକ କ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक

Bhubaneswar Tuesday May 10, 2022 | ଭୁବନେଶ୍ୱର ମଙ୍ଗଳବାର, ମଇ ୧୦,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଦିବାରାତ୍ର ଇଗଲ କପ କ୍ରିକେଟ : ଚାର୍ଜ ଇଲେଭେନ କଟକ ଚମ୍ପିୟାନ

ଖୋର୍ଦ୍ଧା,(ପି.ଏନ) : ଦୀର୍ଘ ଦୁଇ ବର୍ଷ ପରେ ମହାକାରୀ କରୋନାର ପ୍ରକୋପ ସାମାନ୍ୟ କମିବା ପରେ ଅନୁଷ୍ଠିତ ହୋଇଛି ଇଗଲ କପ୍ କ୍ରିକେଟର ୧୮ତମ ସଂସ୍କରଣ । ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ୍ ଟୁର୍ନାମେଂଟର ୧୮ତମ ସଂସ୍କରଣ ସଫଳତାର ସହ ରବିବାର ମଧ୍ୟରାତ୍ରିରେ ସମାପନ ହୋଇଛି । ଖୋର୍ଦ୍ଧା, ଭୁବନେଶ୍ୱର ଓ କଟକର ବଛାବଛା ୮ଟି ଦଳକୁ ନେଇ ଏହି ଟୁର୍ନାମେଂଟଟି ଆୟୋଜନ କରାଯାଇଥିଲା । ତେବେ ସମସ୍ତଙ୍କୁ ପଛରେ ପକାଇ କଟକର ଚାର୍ଜ ଇଲେଭେନ୍ ଦଳ ୧୮ତମ ଏକ ଦିବସୀୟ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଂଟର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି । ଟୁର୍ନାମେଟ୍ ?ର ଉଦଘାଟକ ଭାବେ ଖୋର୍ଦ୍ଧାର ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ସାହୁ, ୧୫ ନମ୍ବର ୱାର୍ଡର କାଉନସିଲର ପ୍ରବୀଣା ଜଗଦେବରାୟ, ଅନୀଲ ରାମ ପ୍ରମୁଖ ଯୋଗଦେଇଥିଲେ । ରାତି ବଢିବା ସାଂଗକୁ ଆତସବାଜୀ ଡିଜେ ସାଉଣ୍ଡର ତାଳେ ଦର୍ଶକମାନେ ଖେଳର ବେଶ ମଜା ଉଠାଇଥିଲେ । ରବିବାର ରାତ୍ର ଠିକ୍ ୧ଟା ସମୟରେ ଆରମ୍ଭ ହୋଇଥିଲା ଇଗଲ କପ୍ କ୍ରିକେଟ ୧୮ତମ ସଂସ୍କରଣର ଫାଇନାଲ ମ୍ୟାଚ୍ । ଫାଇନାଲକୁ କଟକ ଦୁଇଟି ଟିମ୍ ଉତିନ୍ନ ହୋଇଥିବା ବେଳେ, ମ୍ୟାଜିକ୍ ଏକାଦଶ ଦଳ ଟସରେ ଜିତି ଚାର୍ଜ ଇଲେଭେନ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରିତ କରିଥିଲେ । ଚାର୍ଜ ଇଲେଭେନ ଦଳ ନିର୍ଦ୍ଧାରିତ ୬ ଓଭରରେ ୨ ୱିକେଟ୍ ହରାଇ ୧୨୩ରନ୍ କରିଥିଲେ । ଦଳ ପକ୍ଷରୁ ପୂର୍ବତନ ରଣଜୀ ତାରକା ଦୀପକ ବେହେରା ୧୦ଟି ବଲରୁ ୩୭ରନ ଓ ରଂଜନ ରାଉତ ୮ଟି ବଲରୁ ୩୧ରନ କରିଥିଲେ । ଜବାବରେ ମ୍ୟାଜିକ୍ ଏକାଦଶ ଦଳ ୬ ଓଭରରେ ୩ଟି ୱିକେଟ୍ ହରାଇ ୧୦୦ରନ୍ କରିବାକୁ ସକ୍ଷମ ହୋଇଥିଲେ । ଦଳ ପକ୍ଷରୁ ବାପୁନି ବେହେରା ୧୨ଟି ବଲରୁ ୩୪ରନ ଓ ଅବଦୁଲ ରଜାକ୍ ୧୪ଟି ବଲରୁ ୩୦ରନ କରିଥିଲେ । ଫଳରେ ଚାର୍ଜ ଇଲେଭେନ୍ ଦଳ ଚଳିତ ବର୍ଷର ଚମ୍ପିୟାନ ହୋଇଥିଲେ । ଟୁର୍ନାମେଟର ସମସ୍ତ ମ୍ୟାଚ୍‌କୁ ଡ୍ୟାନ୍ସିଙ୍ଗ୍ ଅମ୍ପିୟାର ସାନୁଜ ବିଶ୍ୱାଳ ଓ ଗିରିଶ ନାୟକ ପରିଚାଳନା କରିଥିଲେ । ସେହିପରି ସ୍କ ?ରରେ ଶିବାଶିଷ ପଟ୍ଟନାୟକ ଓ ନୂତନକ୍ରାନ୍ତି ପାଲ ସହଯୋଗ କରିଥିବା ବେଳେ, ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡଙ୍ଗା ଦାୟିତ୍ୱ ତୁଲାଇଥିଲେ । ଇଗଲ କ୍ଲବର ମୁଖ୍ୟ ସଂଯୋଜକ ତଥା ପ୍ରତିଷ୍ଠାତା ସଂପାଦକ ଅଭିଶେକ ସିଂହସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବେଗୁନିଅ-ବୋଲଗଡ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ୫ ନମ୍ବର ୱାର୍ଡ କାଉନସିଲର ଅମୀୟ ମହାନ୍ତି ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୯୯୯୯/- ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ୭୭୭୭/- ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଚାର୍ଜ ଇଲେଭେନ ଦଳର ଉତମ ମହାନ୍ତିଙ୍କୁ ଶ୍ରେଷ୍ଠ ବ୍ୟାଟସ୍ ମ୍ୟାନ୍ ଭାବେ ପୁରସ୍କୃତ କରାଯାଇଥିବା ବେଳେ, ଦୀପକ ବେହେରାଙ୍କୁ ଫାଇନାଲ ମ୍ୟାଚ୍ ତଥା ଟୁର୍ନାମେଂଟର ଶ୍ରେଷ୍ଠ ଖେଳାଳୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର,(ପି.ଏନ):ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି । ବଡବଡିଆ ନେତାଙ୍କ ଠାରୁ ଶୁଣିବାକ ମିଳୁଛି ଦାଗି ଓ ବୟସ୍କଙ୍କୁ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର । ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ୍ୟ ପଛରେ ନାହିଁ । ଏହି ସୂତ୍ରରେ ମନ୍ତ୍ରୀ ମଣ୍ଡଳ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି । ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ କିନ୍ତୁ କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ।

ରେସଓ୍ୱା ଅନୁଷ୍ଠାନ ପକ୍ଷରୁ ଇଦ ମିଳନ ଅନୁଷ୍ଠିତ

କେନ୍ଦ୍ରାପଡ଼ା,୯।୫: କେନ୍ଦ୍ରାପଡା ସହରର ମନକରପୁରସ୍ଥିତ ରେସଓ୍ୱା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏକ ଇଦ ମିଳନ ଉତ୍ସବ ମନକରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ କୁମାର ସାହୁ, ଜିଲ୍ଲା ବିଜେଡି ଯୁବ ସଭାପତି ରାଜେଶ ଦାସ, ପୂର୍ବତନ ପବ୍ଲିକ ପ୍ରସିକ୍ୟୁଟର ଭୀମସେନ ଭୂୟାଁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ପ୍ରଦିପ କୁମାର ସାହୁ, ବିଶିଷ୍ଟ ଚିତ୍ରକଳା ଶିଳ୍ପୀ ଅଜୟ କୁମାର ପଣ୍ଡା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ କେନ୍ଦ୍ରାପଡାର ଭାଇଚାରାକୁ ବଜାୟ ରଖିବା ପାଇଁ ଅନୁଷ୍ଠାନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ରେସଓ୍ୱାର କର୍ମକର୍ତ୍ତା ସେକ ଲିୟାକତ ହୁସେନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଯୁବ ବନ୍ଧୁମାନେ ଯୋଗଦେଇ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ପରେ ସମସ୍ତେ ଏକତ୍ରିତ ବସି ଭୋଜନ କରିବା ସହ ଇଦ ମିଳନ ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିଥିଲେ।

ପଦ୍ମଶ୍ରୀ ରଜତ କରଙ୍କ ବିୟୋଗରେ ସ୍ମୃତିସଭା

ଖୋର୍ଦ୍ଧା, (ପି.ଏନ): ଜ୍ଞାନ ତପସ୍ୱୀ ପଦ୍ମଶ୍ରୀ ରଜତ କର ଥିଲେ ଓଡ଼ିଆ ଭାଷା, ସାହିତ୍ୟ, ଧର୍ମ ତଥା ସଂସ୍କୃତିର ସଶ୍ରଦ୍ଧ ଉଚ୍ଚାରଣ। ତାଙ୍କ ବିୟୋଗ ସାରା ଭାରତବର୍ଷ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ୱର୍ଗତ କରଙ୍କ ସ୍ମୃତିସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ସଭାପତି ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ସ୍ମୃତିସଭାରେ ସ୍ୱର୍ଗତ ଆତ୍ମାଙ୍କ ସଦ୍ଗତି କାମନା କରାଯାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରଥଯାତ୍ରା ଧାରା ବିବରଣୀର ଭାଷ୍ୟକାର, ପାଲା ଓ ଭଂଜ ସାହିତ୍ୟରେ ପାଣ୍ଡିତ୍ୟ ସମ୍ପର୍କରେ ସାହିତ୍ୟିକ ଡ. ଶରଚ୍ଚନ୍ଦ୍ର ମହାପାତ୍ର ଆଲୋଚନା କରିଥିଲେ। ପ୍ରଫେସର ହୃଦାନନ୍ଦ ରାୟ ସ୍ୱର୍ଗତ କରଙ୍କ ବାବଦରେ ତାଙ୍କ ଆତ୍ମଜୀବନୀରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବୃନ୍ଦାବନ ପଣ୍ଡା, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ରାଜକିଶୋର ପଟ୍ଟନାୟକ, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ କରଙ୍କୁ ଜଣେ ଭଲ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଜ୍ୟୋତିରଂଜନ ସାହୁ, ପ୍ରିୟଙ୍କା ମିଶ୍ର ସଭା ପରିଚାଳନାରେ ସହଯୋଗ କରିଥିବାବେଳେ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ପକ୍ଷରୁ ରେଟିନୋବ୍ଲାଷ୍ଟୋମା ସଚେତନତା ପଦଯାତ୍ରା

ଭୁବନେଶ୍ୱର, (ପି.ଏନ) : ଏଲ. ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ମିଠୁ ତୁଳସୀ ଚାନାରାଇ କ୍ୟାମ୍ପସ, ଭୁବନେଶ୍ୱର ଠାରେ ରେଟିନୋବ୍ଲାଷ୍ଟୋମା ପଦଯାତ୍ରାକୁ ୮ମଇ ୨୦୨୨ ରେ ଆୟୋଜନ କରିଛି। ଏହି ପଦଯାତ୍ରାଟି ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଦ୍ୱାରା ଏହାର ଭୁବନେଶ୍ୱର, ହାଇଦ୍ରାବାଦ, ବିଶାଖପଟ୍ଟନମ୍ ଓ ବିଜୟୱାଡ଼ା କ୍ୟାମ୍ପସ ଠାରେ ଆୟୋଜିତ 'ହ୍ୱାଇଟାଥନ୍' ଇଭେଂଟର ଏକ ଅଂଶ ଅଟେ। ସେଲିବ୍ରିଟି ଅଭିନେତା ଶ୍ରୀ ଶବ୍ୟସାଚୀ ମିଶ୍ର, ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ହ୍ୱାଇଟାଥନ୍ ହେଉଚି ଏଲଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ର ବାର୍ଷିକ କାର୍ଯ୍ୟ ସମ୍ପର୍କିତ କର୍ମଶାଳା ଯାହାକୁ ରେଟିନୋବ୍ଲାଷ୍ଟୋମା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ମୁଳ ଲକ୍ଷ୍ୟ ଅଟେ। ରେଟିନୋବ୍ଲାଷ୍ଟୋମା ରେ ଦେଖା ଯାଉଥିବା ସବୁଠାରୁ ଏକ ସାଧାରଣ ଲକ୍ଷଣ ହେଉଛି ଧଳା ରିଫଲେକ୍ସ (ହ୍ୱାଇଟ୍ ଗ୍ଲୋ) ଯାହା ପିଲାମାନଙ୍କର ଆଖିରେ ଦେଖା ଯାଇଥାଏ। ଯଦି ପିଲାଙ୍କ ଆଖିରେ 'ଧଳା ରିଫଲେକ୍ସ' ଦେଖାଁ, ତେବେ ଏହା ଚକ୍ଷୁ କର୍କଟର ଏକ ପ୍ରାରମ୍ଭିକ ସଙ୍କେତ ହୋଇପାରେ ଯାହାର ତୁର' ଡାକ୍ତରୀ ଚିକିତ୍ସାର ଆବଶ୍ୟକତା ରହିଛି। ଡା. ଦେବଜ୍ୟୋତି ତ୍ରିପାଠୀ, ଅକୁଲାର ଅଙ୍କୋଲୋଜିଷ୍ଟ, ମିଠୁ ତୁଳସୀ ଚନରାଇ କ୍ୟାମ୍ପସ, ଭୁବନେଶ୍ୱର, ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନ ଏହି ଅବସରରେ କହିଛନ୍ତି ଯେ ''ଆମର ଲକ୍ଷ୍ୟ ହେଉଛି ପିଲାମାନଙ୍କ ଠାରେ ଦେଖା ଦେଉଥିବା ରେଟିନୋବ୍ଲାଷ୍ଟୋମା ଚକ୍ଷୁ କର୍କଟ ବିଷୟରେ ସଚେତନତା ସୃଷ୍ଟି କରିବା ଯଦ୍ୱାରା ଏହାର ସଠିକ୍ ସମୟରେ ନିରୁପଣ କରାଯିବା ସହିତ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଇପାରିବ। ଏହି ରେଟିନୋବ୍ଲାଷ୍ଟୋମା ସଚେତନତା ପଦଯାତ୍ରାରେ ଆମ ସହିତ ଶ୍ରୀ ସବ୍ୟସାଚୀ ମିଶ୍ର ସାମିଲ୍ ହୋଇଥିବାରୁ ଓ ରେଟିନୋବ୍ଲାଷ୍ଟୋମା ସମ୍ପର୍କରେ ସଚେତନତା ସୃଷ୍ଟି ଦିଗରେ ସହଯୋଗ କରିଥିବାରୁ ଆମେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛୁ। ଆମେ ମଧ୍ୟ ଆରୋହ - ଗିଭିଂ ହୋପ୍, ନାମକ ସ୍ୱେଚ୍ଛାସେବି ଅନୁଷ୍ଠାନରୁ ସହାୟତା ଗ୍ରହଣ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଛୁ। ରେଟିନୋବ୍ଲାଷ୍ଟୋମା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ - ରେଟିନୋବ୍ଲାଷ୍ଟୋମା (ଚକ୍ଷୁ କର୍କଟ) ସାଧାରଣତଃ ୩ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ପ୍ରଭାବିତ କରିଥାଏ (୯୦%)। ସାରା ବିଶ୍ୱରେ ଦେଖା ଯାଉଥିବା ଚକ୍ଷୁ କର୍କଟର ମାମଲା ମଧ୍ୟରୁ ଭାରତରେ ୨୦ ରୁ ୨୫% ଦେଖା ଯାଇଥାଏ, ଏବଂ ସାରା ବିଶ୍ୱରେ ୫୦%ରୁ ଅଧିକ ମାମଲାରେ ବିଳମ୍ବିତ ଚିହ୍ନଟ । ରେଟିନୋବ୍ଲାଷ୍ଟୋମା ଆରୋଗ୍ୟସାଧ୍ୟ ଯଦି ଏହାକୁ ସଠିକ୍ ସମୟରେ ନିରୁପଣ କରାଯାଏ। ଏହାଦ୍ୱାରା ଶିଶୁର ଜୀବନ, ଚକ୍ଷୁ ଓ ଦୃଷ୍ଟିଶକ୍ତି ରକ୍ଷା କରାଯାଇପାରେ। ଗତ ଦଶନ୍ଧି ଧରି ଏଲଭିପିଇଆଇ ରେଟିନୋବ୍ଲାଷ୍ଟୋମା ଚକ୍ଷୁ କର୍କଟ ଥିବା ୨୦୦୦ ରୁ ଅଧିକ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିଛି। ଯଦିଓ ୯୦% କ୍ଷେତ୍ରରେ ଶିଶୁର ଜୀବନ ରକ୍ଷା କରିବା ସମ୍ଭବ, କିନ୍ତୁ ପିଲାର ଦୃଷ୍ଟି ଶକ୍ତିକୁ ମାତ୍ର ୪୫% କ୍ଷେତ୍ରରେ ସୁରକ୍ଷିତ କରାଯାଇପାରିଥାଏ। ତେଣୁ ପିଲାମାନଙ୍କ ଠାରେ ରେଟିନୋବ୍ଲାଷ୍ଟୋମାର ସାଧାରଣ ଲକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ।ପାଣ୍ଠି ସଂଗ୍ରହ କରିବାର ଆବଶ୍ୟକତା : ରେଟିନୋବ୍ଲାଷ୍ଟୋମା ଚିକିତ୍ସା ହେଉଛି ବ୍ୟୟବହୁଳ ଓ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ କରାଯାଇଥାଏ। ପ୍ରାୟତଃ ୬୦ ରୁ ୬୫% ରୋଗୀଙ୍କ ପରିବାର ଏହି ବ୍ୟୟବହୁଳ ଚିକିତ୍ସାର ଭାରକୁ ବହନ କରିପାରିନଥାନ୍ତି । ଏହି ସବୁ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗୃହିତ ପାଣ୍ଠି ସହାୟତାରେ ଏଲଭିପିଇଆଇ ଗରିବ ପରିବାରର ପିଲାମାନଙ୍କୁ ମାଗଣା ଚିକିତ୍ସା ପ୍ରଦାନ କରିବାରେ ସମର୍ଥ ହୋଇପାରିଛି।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities
TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray